ବର୍ଷ-୨୪, ସଂଖ୍ୟା-୨୩୩
ଭୁବନେଶ୍ୱର
୨୩ ସେପ୍ଟେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 233
Bhubaneswar
23 September, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି

ଭୁବନେଶ୍ୱର, ୨୨।୯ (ମହାଭାରତ): ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରରେ ଦେଖାଦେଲା ଯାନ୍ତ୍ରିକ ତ୍ରୁଟି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମୟୂରଭଞ୍ଜ ଗସ୍ତ ବାତିଲ୍ ହୋଇଛି। ସେ କାରକେଡ୍ରେ ସଡ଼କ ପଥରେ କେନ୍ଦୁଝରରୁ ରାଜଧାନୀ ଭୁବନେଶ୍ୱର ଅଭିମୁଖେ ଆସୁଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନି ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇଥିଲେ। ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜି ମୁଖ୍ୟମନ୍ତ୍ରୀଙ୍କର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯିବାରେ ଥିଲା। ତେଣୁ ନିର୍ଦ୍ଧାରିତ ସମୟରେ ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ ରାଇସୁଆଁ ଏୟାର ଷ୍ଟ୍ରିପରେ ପହଞ୍ଚି ଥିଲେ। ଠିକ୍ ସେତିକି ବେଳେ ପ୍ରବଳ ବର୍ଷା ହୋଇଥିଲା। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଟେକ୍ଅପ୍ କରିପାରିନଥିଲା।

ବର୍ଷା କମିବା ପରେ ମୁଖ୍ୟମନ୍ତ୍ରୀ ଓ ସାଂସଦ ହେଲିକପ୍ଟରରେ ବସିବା ପାଇଁ ଆସିଥିଲେ। ହେଲେ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ବାତିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ ସଡ଼କ ପଥରେ ଭୁବନେଶ୍ୱର ଫେରୁଥିବା ଜଣାପଡ଼ିଛି।

# କ୍ୱାଡ୍ ଗୋଷ୍ଠୀ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁଛି : ପ୍ରଧାନମନ୍ତ୍ରୀ

ୱାଶିଂଟନ୍: ୨୨।୯ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତିନି ଦିନିଆ ଆମେରିକା ଗସ୍ତରେ ଅଛନ୍ତି। ଏହି ସମୟ ମଧ୍ୟରେ ସେ କ୍ୱାଡ୍ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଶନିବାର (ସ୍ଥାନୀୟ ସମୟ) ଡେଲାୱେରର ୱିଲମିଙ୍ଗଟନରେ ଅନୁଷ୍ଠିତ କ୍ୱାଡ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କ୍ୱାଡ ସବୁଦିନ ପାଇଁ ଏଠାରେ ଅଛି ଏବଂ ଏହା କାହା ବିରୁଦ୍ଧରେ ନୁହେଁ। ଚୀନ୍ ପ୍ରସଙ୍ଗରେ ସେ କହିଛନ୍ତି କ୍ୱାଡ୍ ନେତାମାନେ ନିୟମ ଭିତ୍ତିକ ଅନ୍ତର୍ଜାତୀୟ ବ୍ୟବସ୍ଥା ଏବଂ ସାର୍ବଭୌମତ୍ୱ ପ୍ରତି ସମ୍ମାନର ସପକ୍ଷରେ ଅଛନ୍ତି।

ସୂଚନାଯୋଗ୍ୟ, ଚୀନ୍ ବିଶ୍ୱରେ ଏହାର ଏକପାଖିଆ ପ୍ରାଧାନ୍ୟ ଚାହୁଁଛି। ଏହି ସର୍ବୋଚ୍ଚତା ପାଇଁ ଚୀନ୍ ପଡୋଶୀ ଦେଶ ବିରୁଦ୍ଧରେ ବିଶେଷ କରି ଭାରତ ବିରୁଦ୍ଧରେ ଷଡଯନ୍ତ୍ର କରୁଛି। ଚୀନ୍ ଅନୁଭବ କରୁଛି ଯେ ଏହା ବିରୁଦ୍ଧରେ କ୍ୱାଡ୍ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ପିଏମ ମୋଦୀଙ୍କ ଏହି ବାର୍ତ୍ତା ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ମୋଦୀ ଏହା ମଧ୍ୟ କହିଛନ୍ତି ଯେ କ୍ୱାଡ୍ ଗୋଷ୍ଠୀ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁଛି। କାରଣ ଏହା ଏକ ସମୟରେ ସାକ୍ଷାତ ହେଉଛି ଯେତେବେଳେ ବିଶ୍ୱ ଅନେକ ବିବାଦ ସହ ମୁକାବିଲା କରୁଛି।



ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସହଭାଗୀ ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରରେ ମିଳିତ ଭାବେ କାର୍ଯ୍ୟ କରିବା ସମସ୍ତ ମାନବିକତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ କାହା ବିରୁଦ୍ଧରେ ନାହୁଁ। ଆମେ ସମସ୍ତେ ନିୟମ-ଆଧାରିତ ଅନ୍ତର୍ଜାତୀୟ ଶୃଙ୍ଖଳା, ସାର୍ବଭୌମତ୍ୱ ତଥା ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ଏବଂ ସମସ୍ତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନକୁ ସମର୍ଥନ କରୁଛୁ। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ କହିଛନ୍ତି, ଆମର ବାର୍ତ୍ତା ସ୍ପଷ୍ଟ, କ୍ୱାଡ ଏଠାରେ ରହିବ, ସାହାଯ୍ୟ କରିବ, ସହଭାଗୀ ହେବା ପାଇଁ କାର୍ଯ୍ୟ କରିବ। ମୁଁ ପୁଣି ଥରେ ରାଷ୍ଟ୍ରପତି ଜୋ ବାଇଡେନ ଏବଂ ମୋର ସମସ୍ତ ସହକର୍ମୀଙ୍କୁ ଅଭିନନ୍ଦନ ଜଣାଉଛି। ୨୦୨୫ରେ ଭାରତରେ କ୍ୱାଡ୍ ଲିଡର୍ସ ସମ୍ମିଳନୀ ଆୟୋଜନ କରି ଆମେ ଖୁସି ହେବୁ ବୋଲି ମୋଦୀ କହିଛନ୍ତି।

ଚଳିତ ବର୍ଷ ପୂର୍ବରୁ ଭାରତରେ କ୍ୱାଡ୍ ଲିଡର୍ସ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିଲା, କିନ୍ତୁ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ତାଙ୍କ ସହରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅଗ୍ରହୀ ଥିଲେ। ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ବାଇଡେନଙ୍କ ପାଇଁ ଏହା ଏକ ବିଦାୟ ସମ୍ମିଳନୀ। ଆମେରିକା, ଜାପାନ, ଭାରତ ଏବଂ ଅଷ୍ଟ୍ରେଲିଆ ୨୦୧୭ରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚୀନ୍ର ଆକ୍ରମଣାତ୍ମକ ଆଚରଣକୁ ପ୍ରତିହତ କରିବା ପାଇଁ କ୍ୱାଡ୍ ମିଳିତ ମଞ୍ଚର ଦୀର୍ଘ ଦିନର ବିଚାରାଧୀନ ପ୍ରସ୍ତାବ ପରେ ଗଠନ କରିଥିଲେ। ଚାରି ସଦସ୍ୟ ବିଶିଷ୍ଟ କ୍ୱାଡ୍ ସୁରକ୍ଷା ସଂଳାପ, ଏକ ମୁକ୍ତ, ଖୋଲା ଏବଂ ଅନ୍ତର୍ଭୁକ୍ତ ଇଣ୍ଡୋ-ପାସିଫିକ୍ ବଜାୟ ରଖିବାକୁ ଓକିଲାତି କରେ। ଚୀନ୍ ଅଭିଯୋଗ କରୁଛି ଯେ ଚୀନାର ବିକାଶ ରୋକିବା ପାଇଁ କ୍ୱାଡ୍ ଯୋଜନା କରୁଛି।

# କୋଇଲା ଖଣିରେ ବିସ୍ଫୋରଣ, ୫୧ ମୃତ



ତେହେରାନ, ୨୨।୯ (ନି.ପ୍ର.) ଇରାନର ଏକ କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫୧ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ଇରାନର ଦକ୍ଷିଣ ଖୋରସାନାରେ ଏହି ବିସ୍ଫୋରଣ ହୋଇଛି।

ସୂଚନା ଅନୁସାରେ, ମଦଞ୍ଜୋ କମ୍ପାନୀ ଦ୍ୱାରା ପରିଚାଳିତ ଖଣିର ଦୁଇଟି ବ୍ଲକ୍ ବି ଏବଂ ସିରେ ବିସ୍ଫୋରଣ ଘଟିଛି। ମିଥେନ ଗ୍ୟାସ୍ କାରଣରୁ ଏହି ବିସ୍ଫୋରଣ ହୋଇଥିବା କୁହାଯାଉଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୫୧ ଜଣଙ୍କ ଜୀବନ ଚାଲିଯାଇଛି। ଦକ୍ଷିଣ ଖୋରସାନାର ରାଜ୍ୟପାଳ ଅଲି ଆକବର ରହିମ ସ୍ଥାନୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବ୍ଲକ୍ ବିରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଏହି ବ୍ଲକରେ ଥିବା ୪୭ ଜଣ ଶ୍ରମିକଙ୍କ ମଧ୍ୟରୁ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୭ ଜଣ ଆହତ ହୋଇଛନ୍ତି। ସେହିପରି ଅନ୍ୟ ବ୍ଲକରେ ଉଦ୍ଧାରକାର୍ଯ୍ୟ ଚାଲିଥି। ରାଜ୍ୟପାଳ ରହିମ ଆହୁରି କହିଛନ୍ତି, ଦେଶର ୭୬% କୋଇଲା ଏହି ଅଞ୍ଚଳରୁ ମିଳିଥାଏ। ଏଠାରେ ମଦଞ୍ଜୁ କମ୍ପାନୀ ସମେତ ପ୍ରାୟ ୮ରୁ ୧୦ ଟି ବଡ଼ ବଡ଼ କମ୍ପାନୀ କାର୍ଯ୍ୟ କରୁଛନ୍ତି। କେଉଁ ପରିସ୍ଥିତିରେ ବିସ୍ଫୋରଣ ଘଟିଲା, ତା'ର ତଦନ୍ତ ଚାଲିଛି।

## ଅଙ୍ଗନବାଡି କର୍ମୀଙ୍କୁ ଗଛରେ ବାନ୍ଧି ମାଡ଼ ଘଟଣାରେ ୩ ଗିରଫ

ଜଳେଶ୍ୱର, ୨୨।୯ (ନି.ପ୍ର.): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ମହାପଦା ଅଙ୍ଗନବାଡି କର୍ମୀଙ୍କୁ ଗଛରେ ବାନ୍ଧି ମାଡ଼ ମାରିବା ଘଟଣାରେ ୩ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ଏବେବି ୧୦ରୁ ଅଧିକ ମହିଳା ଫେରାର ଥିବା ବେଳେ ସେମାନଙ୍କୁ ଖୋଜୁଛି ପୋଲିସ। ଗତ ୧୯ ତାରିଖ ଦିନ ମହପଦା ଗାଁରେ କାର୍ଯ୍ୟରତ ଜଣେ ଅଙ୍ଗନବାଡ଼ି ଦିଦିଙ୍କୁ ଗଛରେ ବାନ୍ଧି ନିସ୍ଥୁକ ପିଟିଥିଲେ ଉତ୍ୟକ୍ତ ଲୋକେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଗତକାଲି ସଂଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଂପୃକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ଫୋନ୍ କରି ଘଟଣା ସଂପର୍କରେ ପଚାରି ବୁଝିଥିଲେ। ଆଜି ପ୍ରଭାତୀ ପରିଡ଼ା କହିଛନ୍ତି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦଳମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସୁଭଦ୍ରା ଯୋଜନା କରାଯାଇଛି। ସୁଭଦ୍ରା ଯୋଜନାରେ ସାମିଲ ମହିଳାଙ୍କ ପ୍ରତି ହୋଇଥିବା ଅତ୍ୟାଚାର ପ୍ରମାଣ କରୁଛି କିଛି ଲୋକଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି।

# ସରିଲା ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ରାଡର୍ ସର୍ଭେ

ପୁରୀ, ୨୨।୯: ଶେଷ ହେଲା ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ରାଡର୍ ସର୍ଭେ। ଦୁଇ ଦିନ କାଳ ୩ଟି ଆ□ିନା ମାଧ୍ୟମରେ ସର୍ଭେ କରି ଡାଟା ଜେନେରେଟ୍ କରିଛି ଏନ୍‌ଜିଆରଆଇ ଟିମ୍। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଦୂର ହେବ ରତ୍ନ ଭଣ୍ଡାର ଗୁପ୍ତ ସୁଡ଼ଙ୍ଗ ଓ ଗୁପ୍ତ କୋଠରୀ ସଂଶୟ। ୭ଟି ଷ୍ଟେଜରେ ସଂଗ୍ରହ ହୋଇଥିବା ସର୍ଭେ ଡାଟାକୁ ଲାବ୍ରେ ତର୍ଜମା କରାଯିବା ପରେ ମିଳିବ ପ୍ରକୃତ ତଥ।



ରତ୍ନ ଭଣ୍ଡାର ଚଟାଣ ତଳେ କ'ଣ ରହିଛି ? ସେ ନେଇ ଖୁବ୍ ଶୀଘ୍ର ଚୂଡାନ୍ତ ରିପୋର୍ଟ ଦେବ ଏନ୍‌ଜିଆରଆଇ ଟିମ୍। ଇଲେକ୍ଟ୍ରି ମ୍ୟାଗ୍ନେଟିକ୍ ୱେଭ୍ ମାଧ୍ୟମରେ ଡାଟା ସଂଗ୍ରହ କରାଯାଇଛି। ଡାଟା ଇମେଜ କ୍ୱାଲିଟିକୁ ଲାବ୍ରେ ଆସେମ୍ବଲ୍ କରାଯିବା ପରେ ଚୁଡାନ୍ତ ରିପୋର୍ଟ ପ୍ରସ୍ତୁତ କରିପାରିବେ ଏନ୍‌ଜିଆରଆଇ ବିଶେଷଜ୍ଞୟ ଉଭୟ ଭିତର ଓ ବାହାର ରତ୍ନ ଭଣ୍ଡାରରେ ରାଡର ସର୍ଭେ କରାଯାଇଛି।

ପୂର୍ବରୁ ଏଏସ୍ଆଇ ମଧ୍ୟ ରତ୍ନ ଭଣ୍ଡାର ବାହାର କାନ୍ଥର ଲେଜର ସର୍ଭେ କରି ବିଭିନ୍ନ ଦିଗରେ ଫାଟ ଚିହ୍ନଟ କରିଥିଲା। ତେବେ ଚଳିତ ମାସ ୧୮ ତାରିଖରେ ଏନ୍‌ଜିଆରଆଇ ଟିମ୍ ମଧ୍ୟ ଲେଜର୍ ସର୍ଭେ କରିଥିଲା। ଶନିବାର ଆଉ ଗୋଟିଏ ରାଉଣ୍ଡ ସର୍ଭେ ହୋଇଥିଲା। ଆଜି ପ୍ରାୟ ୮ ଘ□ା କାଳ ଭର୍ଟିକାଲ ଓ ହୋରାଇଜେ□ାଲ ସର୍ଭେ କରି ବିଭିନ୍ନ ଡାଟା ସଂଗ୍ରହ କରିଛନ୍ତି ଏନ୍‌ଜିଆରଆଇ ବୈଜ୍ଞାନିକ। ପ୍ରାୟ ଅଧ ମିଟର ଅନ୍ତରରେ ବାରମ୍ବାର ସର୍ବେକ୍ଷଣ କରାଯାଇଛି।

ଜୁଲାଇ ୧୪ ତାରିଖରୁ ରତ୍ନଭଣ୍ଡାର ଖୋଲିବା ଓ ମରାମତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମରାମତି ପୂର୍ବରୁ ପୂର୍ଣ୍ଣାଙ୍ଗ ବୈଷୟିକ ସର୍ଭେ ରିପୋର୍ଟ ହସ୍ତଗତ କରିବାକୁ ଏସ୍ଓପିରେ ଉଲ୍ଲେଖ ରହିଛି। ଆସନ୍ତାକାଲି ଭକ୍ତମାନେ ମହାପ୍ରଭୁଙ୍କୁ ବିନା ଦ୍ୱିଧାରେ ମହାପ୍ରଭୁଙ୍କୁ ଦର୍ଶନ ପାଇପାରିବେ। ତେବେ ଛତିସାନିଯୋଗ ନାୟକ କହିଛନ୍ତି ସବୁ ସର୍ଭେ କାମ ଶେଷ ହୋଇଛି। ରତ୍ନଭଣ୍ଡାର ଭିତରେ ଆଉ କିଛି କୋଠରୀ ଅଛି କି ନାହିଁ ତାହା ମହାପ୍ରଭୁ ଜାଣନ୍ତି। ହେଲେ କିଛି ଥାଇପାରେ ବୋଲି ସନ୍ଦେହ ରହିଛିୟ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହୋଇଯିବ।

## ୨୭ରେ ଜିଲ୍ଲାପାଳ ସମ୍ମିଳନୀ

ଭୁବନେଶ୍ୱର, ୨୨।୯: ଆସନ୍ତା ୨୭ତାରିଖରେ ଜିଲ୍ଲାପାଳ ସମ୍ମିଳନୀ ହେବ। ରାଜ୍ୟରେ କ୍ଷମତାକୁ ଆସିବାର ପ୍ରାୟ ସାଢ଼େ ୩ମାସ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱଧୀନ ସରକାର ନିଜର ପ୍ରଥମ ଜିଲ୍ଲାପାଳ ସମ୍ମିଳନୀ ଡାକିଛନ୍ତି। ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ପ୍ରଥମଥର ପାଇଁ ଜିଲ୍ଲାପାଳମାନେ ଭେଟିବେ।

ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ସମସ୍ତ ଜିଲ୍ଲାପାଳ ଓ ବିଭାଗୀୟ ସଚିବମାନଙ୍କୁ ଚିଠି ଲେଖି ଆସନ୍ତା ୨୭ ତାରିଖରେ ଲୋକସେବା ଭବନର କନେଭନସନ୍ ସେଂଟରଠାରେ ଜିଲ୍ଲାପାଳ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ଜିଲ୍ଲାପାଳ ସମ୍ମିଳନୀରେ କେଉଁ ସବୁ ପ୍ରସଙ୍ଗ ସ୍ଥାନ ପାଇବ ଓ ଏଜେଣ୍ଡା କଣ ରହିବ ତାହା ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜିଲ୍ଲାପାଳ ସମ୍ମିଳନୀ ୨୭ତାରିଖରେ ଅନୁଷ୍ଠିତ ହେବ ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ଜିଲ୍ଲାପାଳ ସମ୍ମିଳନୀରେ ସାମିଲ ହେବା ପାଇଁ ସମସ୍ତ ବିଭାଗର ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଓ ନିର୍ଦ୍ଦେଶକମାନଙ୍କୁ ଅବଗତ କରାଇବାକୁ ମଧ୍ୟ ସଚିବମାନଙ୍କୁ କୁହାଯାଇଛି।

# ପ୍ରତ୍ୟାଶା ରାୟ ପାଇବେ 'ଏକଲବ୍ୟ' ପୁରସ୍କାର

ଭୁବନେଶ୍ୱର ୨୨।୯ (ନି.ପ୍ର.): ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟଙ୍କୁ ମିଳିବ ୨୦୨୪ ମସିହାର ସମ୍ମାଜନକ 'ଏକଲବ୍ୟ ପୁରସ୍କାର'। ଆଜି ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟି ବୈଠକରେ ସର୍ବସମ୍ମତି କ୍ରମେ ତାଙ୍କ ଘୋଷଣା କରାଯାଇଛି। ଆଗାମୀ ଏକଲବ୍ୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କାର ବାବଦକୁ ୭ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଧାବକ ଦଣ୍ଡପତି ମୃତ୍ୟୁମ୍ ଜୟରାମ ଓ ବ୍ୟାଡ୍ମି□ନ ଖେଳାଳି ତନ୍ୱୀ ପତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ସେମାନଙ୍କୁ ୧.୫ ଲକ୍ଷ ଟଙ୍କା ଲେଖାଏଁ ସହିତ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯିବ।



ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ (ଇମ୍ପା) ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲସ୍ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' (ଇମ୍ପାକ୍ଟ) ୧୯୯୩ ମସିହାରେ ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରିଥିଲାୟ ଜାତୀୟ ସ୍ତରର ବହୁ ପୁରସ୍କାର ସମାନ୍ତରାଳରେ ଏବେ ଏହା ଓଡ଼ିଶାର ସବୁଠାରୁ ମର୍ଯ୍ୟାଦା ଜନକ କ୍ରୀଡା ସମ୍ମାନ ରୂପେ ପ୍ରଖ୍ୟାତ। କ୍ରୀଡାକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ଯୁବ ଓଡ଼ିଆ। କ୍ରୀଡାବିତମାନଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ଟ୍ରାକରେ ପୁଣି ସିଲିଣ୍ଡର

କାନପୁର, ୨୨।୯: ଉତ୍ତରପ୍ରଦେଶର କାନପୁର ଦେହାତ ଜିଲ୍ଲାରେ ଟ୍ରେନକୁ ଓଲଟାଇବା ପାଇଁ ପୁଣି ଥରେ ଷଡଯନ୍ତ୍ର ହୋଇଥିବା କୁହାଯାଉଛି। ତେବେ ଏହି ଷଡ଼ଯନ୍ତ୍ର ପଣ୍ଡ ହୋଇଛି। ରେଳ ଟ୍ରାଜେଡି ଏକ ଛୋଟ ଗ୍ୟାସ ସିଲିଣ୍ଡର ଦେଖିବାକୁ ମିଳିଥିଲା। ଏହା ସହିତ ଟ୍ରେନ୍ ଧକ୍କା ହୋଇଥିଲେ ଲାଇନଚ୍ୟୁତ ହୋଇଥାନ୍ତା।



ଜିଆରପି କହିଛି ଯେ କାନପୁର ଠାରୁ ୩୫ କିଲୋମିଟର ଦୂରରେ ରବିବାର ସକାଳ ୫ଟା ୫୦ରେ ଏହି ଘଟଣା ଘଟିଛି। ଏହା ପ୍ରେମପୁର ରେଳ ଷ୍ଟେସନଠାରୁ ବହୁତ ଦୂରରେ। ମାଲବାହୀ ଟ୍ରେନ୍ କାନପୁରରୁ ପ୍ରୟାଗରାଜ ଅଭିମୁଖେ ଯାଉଥିଲାୟ ପ୍ରେମପୁରରେ ମାଲବାହୀ ଟ୍ରେନ୍ ରୋକିଥିଲା। ଟ୍ରେନର ଗତି ଧୀର ଥିଲା। ଯେତେବେଳେ ଲୋକୋ ପାଇଲଟ୍ ସିଲିଣ୍ଡରକୁ ଟ୍ରାକରେ ରଖାଯାଇଥିବା ଦେଖି ଭୟଭୀତ ହୋଇଥିଲେ। ଏହା ପରେ ଜରୁରୀକାଳୀନ ବ୍ରେକ୍ ଲଗାଯାଇଥିଲା। ତେବେ ଟ୍ରେନର ଇଞ୍ଜିନ ସିଲିଣ୍ଡର ନିକଟରେ ପହଞ୍ଚିଥିଲା। ଏହା ପରେ ଡ୍ରାଇଭର ତଳକୁ ଓହ୍ଲାଇ ଦେଖିଲେ ଯେ ୫ କିଲୋଗ୍ରାମ ଗ୍ୟାସ୍ ସିଲିଣ୍ଡର ଟ୍ରାକରେ ରଖାଯାଇଛି। ଘଟଣା ବିଷୟରେ ଲୋକୋ ପାଇଲଟ୍ ବରିଷ୍ଠ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ସିଲିଣ୍ଡରର ଖବର ପାଇବା ମାତ୍ରେ ରେଳବାଇରେ ଉତ୍ତେଜନା ଦେଖାଦେଇଥିଲା।

## ମାଛ ରପ୍ତାନୀ ପ୍ରତିବନ୍ଧକ ଉଠାଇଲେ ବାଂଲାଦେଶ ସରକାର

ନୂଆଦିଲ୍ଲୀ, ୨୨।୯: ବାଂଲାଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପିଆଜ, ଆଳୁ, ଅଣ୍ଡା ପଠାଇବା ପରେ ଭାରତକୁ ଇଲିସି ମାଛ ରପ୍ତାନୀ ଉପରେ ମହମ୍ମଦ ୟୁନୁସଙ୍କ ସରକାର କଟକଣା ଉଠାଇଛନ୍ତି। ବାଂଲାଦେଶର ଆନ୍ତରୀଣ ସରକାର ହିନ୍ଦୁ ତଥା ବଙ୍ଗାଳୀଙ୍କ ବଡ଼ ପର୍ବ ଦୁର୍ଗାପୂଜା ପୂର୍ବରୁ ଇଲିସି କୂଟନୀତି ଅନ୍ତର୍ଗତ ଇଲିସି ମାଛ ରପ୍ତାନୀ ଉପରୁ ପ୍ରତିବନ୍ଧକ ଉଠାଇ ଦେଇଛନ୍ତି। ଏନେଇ ଅଧିକାରୀମାନେ ସୂଚନା ଦେଇଛନ୍ତି। ଭାରତକୁ ୩ ହଜାର ମେଟ୍ରିକ ଟନ୍ ଇଲିସି ମାଛ ରପ୍ତାନୀ ପାଇଁ ୟୁନୁସ ସରକାର ମଞ୍ଜୁରୀ ଦେଇଛନ୍ତି। ମହମ୍ମଦ ୟୁନୁସ ସରକାର ଚଳିତ ବର୍ଷ ଘରୋଇ ବଜାରରେ କାରବାର ବଢେଇବା ପାଇଁ ଭାରତକୁ ଇଲିସି ମାଛ ରପ୍ତାନୀ ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଦୁର୍ଗାପୂଜା ସହିତ ଅନ୍ୟ ପର୍ବପର୍ବାଣୀରେ ଭାରତର ପୂର୍ବାଞ୍ଚଳ ରାଜ୍ୟରେ ଇଲିସି ମାଛର ଚାହିଦା ବଢ଼ିଥାଏ। ବାଂଲାଦେଶର ବାଣିଜ୍ୟ ମନ୍ତ୍ରଣାଳୟର ସୂଚନାନୁସାରେ, ଆଗାମୀ ଦୁର୍ଗାପୂଜା ଅବସରରେ ୩ ହଜାର ମେଟ୍ରିକ ଟନ୍ ଇଲିସି ମାଛ ରପ୍ତାନୀକୁ ମଞ୍ଜୁର ଦିଆଯାଇଛି।

# ଆଜିଠୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୩।୯ (ମହାଭାରତ): ୨୩ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ସମ୍ଭବତଃ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଯାହାର ପ୍ରଭାବରେ ଆଗାମୀ ୫ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ । ସେହିପରି କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଆସନ୍ତା ୨୪ ଘଂଟା ପାଇଁ ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ବୌଦ୍ଧ, ଅନୁଗୁଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢ଼େଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ।ସେହିପରି ୨୩ ତାରିଖ ଭୀଷଣ ବର୍ଷା ନେଇ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ,

ରାୟଗଡ଼ା, ଗଜପତି, ଗଞ୍ଜାମ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ ।

୨୪ ତାରିଖ ଭୀଷଣ ବର୍ଷା ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ୨୫ ତାରିଖ ଭୀଷଣ ବର୍ଷା ନେଇ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବରଗଡ଼ । ୨୬ ତାରିଖ ଭୀଷଣ ବର୍ଷା ନେଇ ୫ ଜିଲ୍ଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

# ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୯ (ମହାଭାରତ): ଭରତପୁର ଥାନାରେ ଭାରତୀୟ ସେନାର ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସର ଅମାନବୀୟ ନିର୍ଯାତନା ଅଭିଯୋଗ ସମଗ୍ର ଦେଶରେ ଚାଂଚଲ୍ୟ ସୃଷ୍ଟି କରିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଏବେ ଓଡ଼ିଶା ପୁଲିସର କ୍ରାଇମବ୍ରାଂଚ କରୁଥିବାବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚସ୍ତରୀୟ ବୈଠକ ପରେ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ଉପସ୍ଥିତ ରହିଥିଲେ।

କ୍ରାଇମବ୍ରାଞ୍ଚ ତଦନ୍ତର ମନିଟରିଂ କରିବେ ଜଣେ ହାଇକୋର୍ଟ ବିଚାରପତି। ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ହେବ ତଦନ୍ତ। ହାଇକୋର୍ଟଙ୍କ ତଦାରଖରେ କ୍ରାଇମବ୍ରାଞ୍ଚର ତଦନ୍ତ ତ୍ୱରାନ୍ୱିତ ହେବ। ୬୦ ଦିନ ମଧ୍ୟରେ ଆସିବ ରିପୋର୍ଟ। ଏହାପରେ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣାକୁ ନେଇ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଥିଲା। ମନ୍ତ୍ରୀସ୍ତରୀୟ କମିଟି ଆଗରେ ମେଜରଙ୍କ ବାନ୍ଧବୀ ଅଭିଯୋଗ ଆଣିଛନ୍ତି।

ଏହି ମାମଲାର ତଦନ୍ତ ଏବେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ଏଥିରେ ଦୁଇଟି ମାମଲା ରୁଜୁ କରାଯାଇଛି। ଗୋଟିଏ ମାମଲା ମେଜର ଓ ତାଙ୍କ ବାନ୍ଧବୀଙ୍କ ନାଁରେ ଓ ଅନ୍ୟଟି ୫ ପୋଲିସ ଅଧିକାରୀ ଓ ରୋଡ୍ ରୋମିଓଙ୍କ ନାଁରେ ହୋଇଛି। ନିଲମ୍ବିତ ୫ ପୋଲିସ କର୍ମଚାରୀଙ୍କ ସହ ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କର ଲାଏ ଡିଟେକ୍ସନ ଟେଷ୍ଟ ହେବ ବୋଲି ସୂଚନା ମିଳିଛି।



କ୍ରାଇମବ୍ରାଞ୍ଚ ୧୨୦ ବାଟାଲିୟନର ମେଜର ଗୁରୁବଂଶ ସିଂଙ୍କୁ ପଚରାଉଚରା କରିଛି। ମେଜରଙ୍କଠାରୁ ଘଟଣା ରାତିର ଟିକିନିକି ଖବର ନେଇଛି ତଦନ୍ତକାରୀ ଦଳ। ବିଶେଷକରି ଥାନାରେ କଣ ହେଲା, କିଭଳି ଥିଲା ପୋଲିସର ଆଚରଣ ତାକୁ ନେଇ ଗୁଡେଇ ତୁଡେଇ ପ୍ରଶ୍ନ କରୁଛନ୍ତି ଟିମ ଅଧିକାରୀ। ସେ ପହଞ୍ଚିବା ବେଳେ ଥାନାରେ କିଏ ଥିଲେ, କିଭଳି ସେମାନଙ୍କ ସହ ପୋଲିସ ବ୍ୟବହାର କରିଥିଲା, ପରେ ଆଇଆଇସି ଆସି କଣ କଲେ, ଏମିତି ବିଭିନ୍ନ ପ୍ରଶ୍ନ କରିଛି କ୍ରାଇମବ୍ରା। ସେପଟେ ଘଟଣାକୁ ନେଇ ମେଜରଙ୍କ ବାନ୍ଧବୀଙ୍କ ବୟାନ ମଧ୍ୟ ରେକର୍ଡ କରିସାରିଛି କ୍ରାଇମବ୍ରାଞ୍ଚ । ଉଭୟଙ୍କୁ ଆଗପଛ କରି ଜେରା କରି ଉଭୟଙ୍କ ବୟାନରେ ଥିବା ପ୍ରଭେଦକୁ ଖିଅ କରିବ ବୋଲି କୁହାଯାଉଛି।

ସେପଟେ ଘଟଣାରେ ନିଲମ୍ବିତ ହୋଇଥିବା ପୋଲିସ କର୍ମଚାରୀଙ୍କ ପାଇଁ ଆଗେଇ ଆସିଛି ରାଜ୍ୟ ପୋଲିସ କର୍ମଚାରୀ ସଂଘ। ଆଜି ନିଲମ୍ବିତ ପୋଲିସଙ୍କ ପରିବାର ସହ ବହୁ ପୋଲିସ କର୍ମଚାରୀଙ୍କ ପରିବାର ୧୨୦ ବାଟାଲିୟନ ସମ୍ମୁଖରେ ପ୍ରଦର୍ଶନ କରିଛନ୍ତି।

ସେହିପରି ପୋଲିସ ସଂଘ ପକ୍ଷରୁ ମଧ୍ୟ ନିଲମ୍ବିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଉପରୁ ନିଲମ୍ବନ ଉଠାଇବାକୁ ଦାବି ହୋଇଛି। ସଂଘ କହିଛି, ହୋଇଥିବା ଅଭିଯୋଗ ଯଦି ସତ ହୋଇଥାଏ ତେବେ ଏହା ଏକ ଜଘନ୍ୟ ଘଟଣା। ତେବେ ବର୍ତ୍ତମାନ ତଦନ୍ତ ଚାଲିଛି ତଦନ୍ତ ପରେ କେହି ଦୋଷୀ ମିଳିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଆବଶ୍ୟକ ବିନା ଦୋଷୀ ସାବ୍ୟସ୍ତ ହୋଇ ନିଲମ୍ବନ ଉଚିତ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଉଛି ।

ଭରତପୁର ଥାନା ମାମଲାରେ କ୍ରାଇମବ୍ରାଞ୍ଚ ତନାଘନା କରୁଛି। କ୍ୟାପଟେନ୍ ଏବଂ ତାଙ୍କ ବାନ୍ଧବୀଙ୍କୁ ଆକ୍ରମଣ ଘଟଣାରେ ବିଭିନ୍ନ ଦିଗ ନେଇ ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ ଟିମ। ଭୁବନେଶ୍ୱର ୧୨୦ ବାଟାଲିୟନରେ କ୍ରାଇମବ୍ରାଞ୍ଚ୍ ଟିମ୍ କ୍ୟାପଟେନ୍ ଗୁରବନ୍ତ ସିଂହ ଏବଂ ତାଙ୍କ ବାନ୍ଧବୀଙ୍କୁ ପଚରାଉଚୁରା ଚାଲିଛି । ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ କେଉଁ ପ୍ରକାର ବ୍ୟବହାର କରାଯାଇଥିଲା ।

## ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

### ଖବର

## 'କେବିସି'ରେ କାନ୍ଦିଲେ ଶ୍ରେୟା ଭାବବିହ୍ୱଳ ହେଲେ ବିଗବି



'କୌନ ବନେଗା କରୋଡ଼ପତି'ର ନିକଟତର ଅଧ୍ୟାୟରେ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ଓ ସୋନୁ ନିଗମଙ୍କୁ ସୋ'ରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଶ୍ରେୟା ଓ ସୋନୁ ସ୍ମିତ ଫାଉଣ୍ଡେସନକୁ ସମର୍ଥନ କରିବା ଏହି ସୋ'ରେ ଯୋଗ ଦେଇଥିଲେ। ଏହି ସଂସ୍ଥା ଏକ ବୃଦ୍ଧାଶ୍ରମ। ଯେଉଁ ବୃଦ୍ଧ ଓ ବୃଦ୍ଧାଙ୍କୁ ସେମାନଙ୍କ ପିଲାମାନେ ଛାଡ଼ି ଦେଇଥାଆନ୍ତି ସେମାନଙ୍କ ଦେଖାଶୁଣା କରିବା ସହିତ ସାହାଯ୍ୟ ଓ ସହଯାଗ କରିବାର କାମ କରିଥାଏ।ସୋନୁ ଏହି ସଂସ୍ଥାରେ ଥିବା ଜଣେ ବୃଦ୍ଧ ମହିଳାଙ୍କ ଦୁଃଖଭରା କାହାଣୀ କହି କହିଥିଲେ, 'ଉକ୍ତ ବୃଦ୍ଧ ମା'ଙ୍କୁ ତାଙ୍କ ପୁଅ ଅତି ନିର୍ମମ ଭାବେ ମାଡ଼ ମାରିଥିଲେ।ଏହି ପୁଅ ଜଣକ ଜଣେ ଲେଖକ ଭାବେ ପରିଚିତ। ସେ ତାଙ୍କ ବୃଦ୍ଧ ମା'ଙ୍କ ସହିତ ମୁମ୍ବାଇ ଆସିଥିଲେ । ବୟସ ଅଧିକ ହୋଇଯାଇଥିବାରୁ ବୃଦ୍ଧା ସ୍ନାନ ପାଇଁ ଯିବା ସମୟରେ ପାଣି ପିଇଲା ବେଳେ ବଡ଼ପାଟି କରିଥାଆନ୍ତି। ଏହି କାରଣରୁ ଲେଖକ ପୁଅ ରାଗରେ ତାଙ୍କ ମା'ଙ୍କୁ ନିଷ୍ଠୁରଭାବେ ମାଡ଼ ମାରୁଥିଲେ।ଏହି ଘଟଣା ସମ୍ପର୍କରେ ସ୍ମିତ ଓଲ୍ଡ ଏଜ ହୋମ ଆଣ୍ଡ କେୟର ଫାଉଣ୍ଡେସନର ପ୍ରତିଷ୍ଠାତା ଖବର ପାଇବା ପରେ ବୃଦ୍ଧାଙ୍କୁ ପୁଅ କବଳରୁ ଉଦ୍ଧାର କରି ନିଜ ସହିତ ନେଇ ଆସି ୬ମାସ ପର୍ଯ୍ୟନ୍ତ ନିଜ ପାଖରେ ରଖିଥିଲେ। ଏହାପରେ ଲେଖକ ପୁଅ ଆସି ମା'କୁ ପୁଣି ନିଜର ସହିତ ନେଇ ଯାଇଥିଲେ।କିଛିଦିନ ପରେ ସଂସ୍ଥାର ପ୍ରତିଷ୍ଠାତା ବୃଦ୍ଧାଙ୍କୁ ଦେଖା କରିବା ପାଇଁ ଯାଇଥିବା ବେଳେ ସେ ଘରେ କୋମାରେ ପଡ଼ିଥିଲେ। କିଛିଦିନ ପରେ ଶୁଣିବାକୁ ମିଳିଲା ଲେଖକ ତାଙ୍କ ମା'ଙ୍କୁ ମାଡ଼ମାରି ହତ୍ୟା କରି ଦେଇଛନ୍ତି। କେହି ପୁଅ ତାର ମା'କୁ ଏପରି ଭାବେ ନିର୍ଯାତନା ଦେଇ ହତ୍ୟା କରିପାରେ ମୁଁ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରି ପାରୁନାହିଁ।

## ଶ୍ରୀରାମଙ୍କ ଶରଣ



ହନୁମାନ ସମୁଦ୍ର ଲଙ୍ଘନ କରି ମାତା ସୀତାଙ୍କୁ ଖୋଜିବା ଲାଗି ଲଙ୍କାରେ ପହଞ୍ଚିଲେ । ସେ ପ୍ରଥମେ ରାବଣର ସାନ ଭାଇ ବିଭୀଷଣ ନିକଟରେ ପହଞ୍ଚିଲେ । ବିଭୀଷଣ ହନୁମାନଙ୍କୁ ଏକ ଛୋଟ ପ୍ରଶ୍ନ ପଚାରିଲା- ପ୍ରିୟ ହନୁମାନ ! ମୋତେ କୁହ ଯେ ପ୍ରଭୁ ଶ୍ରୀରାମ କ'ଣ ମୋ ଉପରେ କୃପା ଦୃଷ୍ଟି ପକାଇବେ ? ରାବଣ ମୋ ଭାଇ । ଏହା ଜାଣିସୁଦ୍ଧା ସେ କ'ଣ ମୋତେ ଏ ସଂସାରରୁ ମୁକ୍ତି ଦେବେ ? ଏହାଶୁଣି ହନୁମାନ କହିଲେ, ବିଭୀଷଣ ମହୋଦୟ ! ଆପଣ କାହିଁ ଅଯଥା ସନ୍ଦେହରେ ପଡୁଛନ୍ତି ? ମୋ ଭଳି ବାନର କୁଳରେ ଜନ୍ମିତ ଜଣେ ତୁଚ୍ଛ ବାନରକୁ ପ୍ରଭୁ ଶ୍ରୀରାମ ଶରଣ ଦେଇଛନ୍ତି । ସେ ମୋତେ ତାଙ୍କ ଦାସ ଭାବେ ସ୍ୱୀକାର କରିଛନ୍ତି, ଆପଣଙ୍କୁ କାହିଁକି କରିବେ ନାହିଁ? ଆପଣ ତ' ଜଣେ ମନୁଷ୍ୟ । ଆପଣଙ୍କୁ ସେ ନିଶ୍ଚେ ସହାୟତା କରିବେ । ଏହା କହି ହନୁମାନ ନିଜ ଭକ୍ତି ମାଧ୍ୟମରେ ବିଭୀଷଣଙ୍କ ହୃଦୟରେ ଶ୍ରୀରାମଙ୍କ ପ୍ରତି ଅତୁଟ ବିଶ୍ୱାସ ଜନ୍ମାଇ ପାରିଥିଲେ । ଏହି କାରଣରୁ ବିଭୀଷଣ ନିଜକୁ ପ୍ରଭୁ ଶ୍ରୀରାମଙ୍କ ଠାରେ ସମ୍ପୂର୍ଣ୍ଣ ରୂପରେ ସମର୍ପି ଦେଇଥିଲେ ।

## ଗୃହତ୍ୟାଗର ଉଦ୍ଦେଶ୍ୟ



ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯୁବାବସ୍ଥାରେ ବଦ୍ରୀନାଥ-କେଦାରନାଥ ପାର୍ବତୀୟ କ୍ଷେତ୍ର ଭ୍ରମଣ କରିଥିଲେ । ଏହି ଯାତ୍ରା ସମୟରେ ଦିନେ ସେ ଟିହରି ନାମକ ସ୍ଥାନରେ ପହଞ୍ଚିଲେ । ତାଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବିଦ୍ୱାନ ତାଙ୍କୁ ନିଜ ଘରକୁ ଭୋଜନ ନିମନ୍ତେ ଆମନ୍ତ୍ରଣ ଜଣାଇଲେ । ସ୍ୱାମୀଜୀ ଉକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚିବା ପରେ ଦେଖିଲେ ଯେ ସେହି ଘରେ ଜଣେ ଲୋକ ମାଂସ କାଟୁଛି । ଏହା ଦେଖି ସ୍ୱାମୀଜୀ ତୁରନ୍ତ ଫେରିବାକୁ ବାହାରିଲେ । ଗୃହସ୍ୱାମୀ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ କହିଲେ, ମୁଁ ମାଂସାହାରୀଙ୍କ ଘରେ ଭୋଜନ କରି ପାରିବି ନାହିଁ । ଏହା କହି ସେ ଫେରିଆସିଲେ । ଗୁପ୍ତକାଶୀରେ ସ୍ୱାମୀଜୀ ଓଖୋ ମଠରେ ରହିଥିଲେ । ମଠର ମହନ୍ତ ତାଙ୍କ ସହ କଥାବାର୍ତ୍ତା ହେବା ସମୟରେ ଜାଣିପାରିଲେ ଏହି ଯୁବକ ଅତ୍ୟନ୍ତ ବିଦ୍ୱାନ । ସ୍ୱାମୀଜୀଙ୍କୁ ଦିନେ ମହନ୍ତ କହିଲେ, ତୁମେ ମୋ ଶିଷ୍ୟତ୍ୱ ଗ୍ରହଣ କରିନିଅ । ମଠର ବହୁ ସମ୍ପତ୍ତି ରହିଛି । ଭବିଷ୍ୟତରେ ତୁମେ ଏହି ସବୁ ସମ୍ପତ୍ତିର ମାଲିକ ହୋଇଯିବ । ମାତ୍ର ସ୍ୱାମୀଜୀ କହିଲେ, ଯଦି ମୋ ମନରେ ମଠ ସମ୍ପତ୍ତିର ମାଲିକ ହେବାର ଲୋଭ ଥାଆନ୍ତା, ତାହେଲେ ମୁଁ ମାତା-ପିତା, ବନ୍ଧୁ-ବାନ୍ଧବ, ଘରପରିବାର କାହିଁକି ଛାଡ଼ି ଚାଲିଆସିଥାଆନ୍ତି । ମହନ୍ତ ପଚାରିଲେ, ତାହେଲେ ତୁମେ କ'ଣ ପ୍ରାପ୍ତ କରିବା ଲାଗି ଘର ଛାଡ଼ିଛ । ସ୍ୱାମୀଜୀ ଏହାର ଉତ୍ତରରେ କହିଲେ ସତ୍ୟ, ବିଦ୍ୟା, ଯୋଗ, ଆତ୍ମା ଆଦିର ରହସ୍ୟ ଜାଣିବା ଲାଗି ମୁଁ ଗୃହତ୍ୟାଗ କରିଛି । ପରଦିନ ସ୍ୱାମୀଜୀ ସେହି ମଠ ଛାଡ଼ି ଯୋଶୀମଠ ଅଭିମୁଖେ ଯାତ୍ରାରମ୍ଭ କଲେ । ଏହି ଯାତ୍ରା ସମୟରେ ସେ ଅନେକ ଠକ ତାନ୍ତ୍ରିକ ଓ ଦେବପୂଜା ନାମରେ ପଶୁବଳି ଦେଉଥିବା ଲୋକଙ୍କର ଘୋର ବିରୋଧ କରିଥିଲେ

## ପୋଇ ଶାଗରେ ରହିଛି ଅନେକ ଗୁଣ

### ଦୂର କରିଥାଏ ଆଇରନ୍ ସମସ୍ୟା



ଭାରତରେ ଅନେକ ପ୍ରକାର ଶାଗ ଉପଲବ୍ଧ। ଶାଗ ଆପଣ ନିଜର ଦୈନନ୍ଦିନ ଡାଏଟିରେ ସାମିଲ କରିପାରିବେ। ପୋଇ ମଧ୍ୟ ଏକ ପ୍ରକାର ଶାଗ ଯାହା ଭାରତରେ ମିଳେ। ପୋଇ ଶାଗ ବହୁତ ସ୍ୱାସ୍ଥ୍ୟକର। ଦେଖିବାକୁ ଏହା ପ୍ରାୟ ପାଳଙ୍ଗ ଶାଗ ଭଳି। ପୋଇ ଶାଗକୁ ବିଭିନ୍ନ ତରିକାରେ ରନ୍ଧାଯାଏ। ଏହି ଶାଗ ଶରୀରରେ ଆଇରନର ଅଭାବ ଦୂର କରିଥାଏ। ତାଛଡା ହୃଦୟ ଓ ମସ୍ତିଷ୍କକୁ ମଧ୍ୟ ସୁସ୍ଥ ରଖିଥାଏ। ନିୟମିତ ପୋଇ ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପୋଇ ଶାଗର ଆହୁରି ଅନେକ ଲାଭ ରହିଛି।

ପୋଇ ଶାଗ ଫାଇବର ଭଳି ପୋଷାକ ତତ୍ୱରେ ଭରପୁର। ଏହା ଶରୀରରେ ଥିବା ବ୍ୟାଡ଼ କୋଲେଷ୍ଟ୍ରୋଲକୁ କମ କରିଥାଏ ଓ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ଏବଂ ହୃଦୟ ସହ ଜଡିତ ରୋଗର ଆଶଙ୍କା କମ କରିଥାଏ। ଏଥିରେ ପୋଟାସିୟମ ମଧ୍ୟ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ।

ଆଇରନ୍ ବ୍ଲଡ଼୍ ସେଲର ଉଚିତ ଉତ୍ପାଦନର ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ। ଆଇରନ୍ ଅଭାବ ଯୋଗୁଁ ହେମୋଗ୍ଲୋବିନ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ ଯେଉଁଥିପାଇଁ ଏନିମିଆ ହେବାର ଆଶଙ୍କା ଥାଏ।

ପୋଇ ଶାଗରେ ମ୍ୟାଗନେସିୟମ୍ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି। ଏହି ଦୁଇଟି ପୋଷାକ ତତ୍ତ୍ୱ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ। ନିୟମିତ ସେବନ ଦ୍ୱାରା ହାଡ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ଏହା ଭିଟାମିନ୍-ସି ର ଏକ ପ୍ରମୁଖ ସ୍ରୋତ ଯେଉଁଥିପାଇଁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

ଅନିଦ୍ରା ସମସ୍ୟା ପାଇଁ ମଧ୍ୟ ପୋଇ ଶାଗ ବହୁତ ଲାଭଦାୟକ। ଯଦି ଆପଣଙ୍କୁ ରାତିରେ ନିଦ ହେଉନାହିଁ କିମ୍ବା ଅନିଦ୍ରା ସମସ୍ୟା ରହିଛି ତାହେଲେ ନିୟମିତ ପୋଇ ଶାଗ ସେବନ କରିପାରିବେ। ପୋଇ ଶାଗରେ ମ୍ୟାଗନେସିୟମ ଜିଙ୍କର ଗୁଣ ରହିଛି ଯାହା ନିଦ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ

ପୋଇ ଶାଗରେ ବହୁ ମାତ୍ରାରେ ଫାଇବର ରହିଛି ଯାହା ପାଚନ ତନ୍ତ୍ରକୁ ମଜବୁତ କରିଥାଏ। ସୁସ୍ଥ ପାଚନ ପ୍ରଣାଳୀ ପାଇଁ ପୋଇ ଶାଗ ସେବନ କରିପାରିବେ। ତାଛଡା ଏହା ପେଟ ଜନିତ ସମସ୍ୟା ମଧ୍ୟ ଦୂର କରିଥାଏ। ଏହା ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

## କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ

ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି



ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।

# ବିକଶିତ ଓଡ଼ିଶା ୨୦୩୬ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି

**ଭୁବନେଶ୍ୱର,୨୩।୯ (ମହାଭାରତ):** ବିକଶିତ ଭାରତ ୨୦୪୭ ପାଇଁ ବିକଶିତ ଓଡ଼ିଶା - ୨୦୩୬ ନିମନ୍ତେ ଏକ ଦୂରଦୃଷ୍ଟି ସମ୍ପନ୍ନ ମାର୍ଗଦର୍ଶିକା ବା ଭିଜନଡକ୍ୟୁମେଣ୍ଟପ୍ରସ୍ତୁତି ନିମନ୍ତେ ଗଠିତ ରାଜ୍ୟସ୍ତରୀୟ ପରିଚାଳନା କମିଟି (ଷ୍ଟିଅରିଂ କମିଟି) ର ପ୍ରଥମ ବୈଠକ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ପରିଚାଳନା କମିଟିର ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୃହ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ସୁରେନ୍ଦ୍ର କୁମାରଙ୍କ ସମେତ ବିଭିନ୍ନ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀ (ସେକ୍ଟରାଲଗ୍ରୁପ୍ସ) ର ସଦସ୍ୟ ଥିବା ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବ ମାନେ ଉପସ୍ଥିତ ଥିଲେ।

ଏହି ଷ୍ଟିଅରିଂ କମିଟି ବୈଠକରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀ ଦ୍ୱାରା ପ୍ରଥମ ପର୍ଯ୍ୟାୟ ବୈଠକରେ ଭିଜନ ଡକ୍ୟୁମେଣ୍ଟପ୍ରସ୍ତୁତି ନେଇ କରାଯାଇଥିବା ରୂପରେଖ ସଂପର୍କରେ ପ୍ରାରମ୍ଭିକ ଉପସ୍ଥାପନ ସହ ଆଲୋଚନା



କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ରହିଥିବା ସୁବିଧା ସୁଯୋଗର ସୁବିନିଯୋଗ ଓ ଆହ୍ୱାନ ସମୂହର ମୁକାବିଲା ପାଇଁ ଗଠିତ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀ ମଧ୍ୟରେ ଅର୍ଥନୀତି, ଶିଳ୍ପଓଭିତ୍ତିଭୂମି, ସାମାଜିକ ଓ ମାନବ ସମ୍ବଳ ବିକାଶ, ସଂସ୍କୃତି ଓ ଐତିହ୍ୟ, ବୈଷୟିକ ଜ୍ଞାନକୌଶଳ ଏବଂ ନବସୃଜନ, ସୁଶାସନ ଏବଂ ଗ୍ରାମୀଣ ରୂପାନ୍ତରଣ ଭଳି କ୍ଷେତ୍ରରେ ଭିଜନଡକ୍ୟୁମେଣ୍ଟରେ ସ୍ଥାନିତ ହେବାକୁ ଥିବା କ୍ଷେତ୍ରଭିତ୍ତିକ ପ୍ରାଥମିକତା, ଲକ୍ଷ୍ୟ ଓ ରଣନୀତି ସଂପର୍କରେ ରହିଥିବା ବିଭିନ୍ନ ପ୍ରସ୍ତାବ ସଂପର୍କରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇଥିଲା।

ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଭିଜନଡକ୍ୟୁମେଣ୍ଟ ପ୍ରସ୍ତୁତି କରିବା ଆମପାଇଁ ଅନନ୍ୟ ସୁଯୋଗ ଆଣିଛି। ଏହି ଡକ୍ୟୁମେଣ୍ଟେସନ କିପରି ସୁବ୍ୟବସ୍ଥିତ ଭାବରେ ଏବଂ ଏକ ବାସ୍ତବ ଦସ୍ତାବିଜ ହେବ, ଏଥିପାଇଁ ସମସ୍ତ ସଂପୃକ୍ତ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର ସହଯୋଗ କାମନା କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବିଭିନ୍ନ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀର କାର୍ଯ୍ୟ ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ।

ଏଥିସହିତ ସେ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଏବଂ ବିଭିନ୍ନ ଅଂଚଳର ସନ୍ତୁଳିତ ବିକାଶ ପରିପ୍ରେକ୍ଷୀରେ ପରାମର୍ଶ ଦେବା ସହିତ ଦେଶ ବିଦେଶରେ ଅବଲମ୍ବନ କରାଯାଉଥିବା ବିଭିନ୍ନ କ୍ଷେତ୍ରରେ ଉତ୍ତମଅଭ୍ୟାସ (ବେଷ୍ଟପ୍ରାକ୍ଟିସେସ୍ ) କୁ ଅନୁସରଣ କରାଯିବା ସଂପର୍କରେ ମତ ରଖିଥିଲେ।

ପ୍ରସ୍ତୁତି ଜାରି ରହିଥିବା ଏହି ମାର୍ଗଦର୍ଶିକା ୨୦୩୬ ସୁଦ୍ଧା ବିକଶିତ ଓଡିଶା ସହିତ ୨୦୪୭ ସୁଦ୍ଧା ବିକଶିତ ଭାରତର ଜାତୀୟ ଆକାଂକ୍ଷା ସହିତ ସଂଯୋଜିତ ହେବା ଲକ୍ଷ୍ୟ ରଖିଛି। ଗଠିତ ସଚିବ ସ୍ତରୀୟ କ୍ଷେତ୍ରୀୟ ଗୋଷ୍ଠୀ ଏବଂ ପରିଚାଳନା କମିଟି ବିଶିଷ୍ଟ ନାଗରିକ, ନାଗରିକ ସମାଜ ସଂଗଠନ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କ ସମେତ ବିଭିନ୍ନ ଅଂଶୀଦାରଙ୍କ ଠାରୁ ମତାମତ ନେବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ବିଭିନ୍ନ ମାଧ୍ୟମରେ ଆଲୋଚନା, ପ୍ରସ୍ତାବ ଏବଂ ମତ ସଂଗ୍ରହ ବ୍ୟତୀତ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଜନସାଧାରଣଙ୍କ ଠାରୁ ମତାମତ ସଂଗ୍ରହ ପାଇଁ ଖୁବ୍‌ଶୀଘ୍ର ଏକ ୱେବ ପୋର୍ଟାଲ ଆରମ୍ଭ କରାଯିବା ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇଥିଲା।

# ଫରେଷ୍ଟରଙ୍କ ଆତ୍ମହତ୍ୟାର ବିଭାଗୀୟ ତଦନ୍ତ ଆରମ୍ଭ

**ଭୁବନେଶ୍ୱର,୨୩।୯ (ମହାଭାରତ):** କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ସ୍ଥିତ ଜାରିଂ ହାଇଟେକ୍ ନର୍ସରୀରେ ସଂଜୟ ନାୟକଙ୍କ ଆତ୍ମହତ୍ୟା ଘଟଣାରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ତଦନ୍ତ କରିବାକୁ ବନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସଞ୍ଜୟଙ୍କ ଆତ୍ମହତ୍ୟା ପରେ ତାଙ୍କ ପାଖରୁ ମିଳିଥିବା ସୁଇସାଇଡାଲ ନୋଟକୁ ଭିତ୍ତି କରି ଏହି ତଦନ୍ତ ଆରମ୍ଭ ହୋଇଛି। ଏହି ସୁଇସାଇଡାଲ ନୋଟରେ ସେ ସ୍ଥାନୀୟ ଡିଏଫଓଙ୍କ ବିରୁଦ୍ଧରେ ବହୁ ଗୁରୁତର ଅଭିଯୋଗ ଆଣିବା ସହ, ପିସି ପାଇଁ ତାଙ୍କ ଉପରେ ଚାପ ପାକାଉଥିବା ଯୋଗୁଁ ସଞ୍ଜୟ ବହୁତ ମାନସିକ ଚାପରେ ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ଆତ୍ମହତ୍ୟା ଚିଠିରେ ଡିଏଫଓଙ୍କ ନାଁ ଥିବାରୁ ଏନେଇ ଡିପାର୍ଟମେଣ୍ଟାଲ ଇନକ୍ୱାରୀ ଜାରି କରିଛି ବନବିଭାଗ। ସିସିଏଫ୍ ରାଙ୍କର ଅଧିକାରୀଙ୍କୁ ଏନେଇ ତଦନ୍ତ କରାଯାଉଛି। ଯଥାଶୀଘ୍ର ତଦନ୍ତ ସାରି ଘଟଣାର ସତ୍ୟାସତ୍ୟ ସଂପର୍କୀୟ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ରାୟଗଡର ଯୁବକ ସଂଜୟ ନାୟକ (୩୪), କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ସ୍ଥିତ ଜାରିଂ ହାଇଟେକ୍ ନର୍ସରୀରେ କାର୍ଯ୍ୟରତ ଥିଲେ। ଗତ ୧୮ ତାରିଖରେ ସ୍ୱର୍ଗତ ସଂଜୟ ନାୟକଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ତାଙ୍କ ସରକାରୀ ବାସଭବନରେ ମିଳିଥିଲା। ହେଲେ ଘଟଣାକୁ ନେଇ ସ୍ୱର୍ଗତ ସଂଜୟଙ୍କ ପରିବାର ଲୋକେ ରାୟଗଡ ସ୍ଥିତ ବିଭାଗୀୟ ଡିଏଫଓଙ୍କ ଚାପରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ମୃତ ସଂଜୟଙ୍କ ବଡଭାଇ ରବି ସିଧାସଳଖ ଭାବେ ସିଲିଭିକଲଚରିଷ୍ଟ ଡିଏଫଓଙ୍କୁ ଦାୟୀ କରିଥିଲେ।

# ଜିଲ୍ଲା ପ୍ରେସ କ୍ଲବର ସାଧାରଣ ବୈଠକ

**ଭୁବନେଶ୍ୱର,୨୩।୯ (ମହାଭାରତ):** ଜିଲ୍ଲା ପ୍ରେସ କ୍ଲବର ସାଧାରଣ ବୈଠକ ସାମ୍ବାଦିକ ଭବନ ପରିସରରେ ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସଭାପତି ଶ୍ରୀ ସାମନ୍ତରାୟ ବୈଠକ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପ୍ରେସ କ୍ଲବର ଉପଦେଷ୍ଟା ତପନ କୁମାର ନାୟକ ଜିଲ୍ଲା ପ୍ରେସ କ୍ଲବ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିବା ସହ ତାଙ୍କର ବହୁ ଦିନର ସ୍ୱପ୍ନ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ବହୁ ଘାତ, ପ୍ରତିଘାତ ପରେ ମଧ୍ୟ ଜିଲ୍ଲା ପ୍ରଶାସନର ସ୍ୱୀକୃତି ଲାଭ କରିଥିବାରୁ ଆଜି ତାହା ସାକାର ହୋଇଛି ବୋଲି କହିବା ସହିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ପ୍ରେସ କ୍ଲବ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପ୍ରେସ କ୍ଲବ ପରିଚାଳନା ପରିଷଦ ସଦସ୍ୟ ପ୍ରକାଶ କୁମାର ହାତୀ ତାଙ୍କ ବକ୍ତବ୍ୟରେ କହିଥିଲେ ସମସ୍ତ ଭେଦ, ଭାବ ଭୁଲି ଆଲୋଚନା ମାଧ୍ୟମରେ ସବୁ ସମସ୍ୟାର ସମାଧାନ କରାଯାଇ ପାରିବ ବୋଲି କହିଥିଲେ। ପ୍ରେସ କ୍ଲବର ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଜିଲ୍ଲା ପ୍ରେସ କ୍ଲବ ପଞ୍ଜିକୃତ କରିବାର ସେହି କଣ୍ଟକିତ ପଥ ଏବଂ ଏକ ଟିମ ୱାର୍କ ଯୋଗୁଁ ସମ୍ଭବ ହୋଇପାରିଲା ବୋଲି କହିଥିଲେ। ଆଲୋଚନାରେ ପ୍ରେସ କ୍ଲବର ଆଇନ ପରାମର୍ଶଦାତା ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଉପ- ସଭାପତି ପ୍ରସନ୍ନ କୁମାର ପାଇକରାୟ, ଯୁଗ୍ମ ସମ୍ପାଦକ ପ୍ରବୀଣ ଭଞ୍ଜ, ରଂଜିତ ସାମନ୍ତରାୟ, ଉମା ଶଙ୍କର ପ୍ରସାଦ, ଶୁଭଲକ୍ଷ୍ମୀ ସାମନ୍ତରାୟ, ମହମ୍ମଦ ମୋତାହାର ୟୁସୁଫ, ରାମ ନାରାୟଣ ଦାଶ, ଶରତ ବାରିକ, ଲକ୍ଷ୍ମୀଧର ସାହୁ, ସୟଦ ଲିୟାକତ ଅଲ୍ଲୀ, ଇକବାଲ ଅହମ୍ମଦ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ୮୨୧ ଏକର ଜମିରେ ନିର୍ମାଣ ହେବ ହାଇଟେକ୍ ସିଟି

**ଭୁବନେଶ୍ୱର,୨୩।୯ (ମହାଭାରତ):** ଭୁବନେଶ୍ୱରକୁ ଲାଗି ଆଉ ଏକ ନୂଆ ସହର ନିର୍ମାଣ ହେବ। ଉପକଣ୍ଠକୁ ଲାଗି ଗଢ଼ି ଉଠିବ ନ୍ୟୁ ସିଟି ବା ହାଇଟେକ୍ ସିଟି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଏନେଇ ନକ୍ସା ଅଙ୍କା ଯାଇଛି। ଖାଲି ସେତିକି ନୁହେଁ, ଏହି ନୂଆ ସହରର ପାଚେରି କାମ ମଧ୍ୟ ଆରମ୍ଭ ହୋଇଯାଇଛି। ଉପକଣ୍ଠକୁ ଲାଗି ୩ ରାଜସ୍ୱ ଗ୍ରାମକୁ ଏହି ନ୍ୟୁ ସିଟିକୁ ଗିଳି ଦେବ।

ଏନେଇ ମଳିପଡା, ଦାସପୁର ଓ ଗୋଠପାଟଣାରେ ପ୍ରାୟ ୮୨୧.୯୬୧ ଏକର ଜମି ଚିହ୍ନଟ କରାଯାଇଛି। ଏହି ଜମିରୁ ମଳିପଡ଼ାରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଏସ୍‌ଏଚ୍‌ବି) ୨୮.୫୦୦ ଏକର ଜାଗା ରହିଛି। ସେହିପରି ଗୋଠପାଟଣାରେ ୧୯୪ ଏକର ଜଙ୍ଗଲ ଜମି, ଇଡ଼କୋର ୭୯ ଏକର, ସାଧାରଣ ପ୍ରଶାସନର ୭୯ ଏକର ଏବଂ ଘରୋଇ ଜମି ୧୯ ଏକର ରହିଛି। ସେହିପରି ଦାସପୁରରେ ମୋଟ ୨୧୫ ଏକର ଜମି ରହିଛି। ସେଥିମଧ୍ୟରେ ୧୦୩.୧୦୫ଏକର ଗୋଚର ଜମି, ୨୯.୫୧୦ ଜଙ୍ଗଲ ଜମି ଏବଂ ୫ ଏକର ଘରୋଇ ଜମି ରହିଛି। ଏହି ନୂଆ ସହରରେ ପ୍ରାୟ ୨୦ ହଜାର ଘର ନିର୍ମାଣ ହେବ। ପ୍ରାୟ ୧.୫ ଲକ୍ଷରୁ ଅଧିକ ଲୋକେ ଏହି ନୂଆ ସହରରେ ବାସ କରିବାକୁ ଯୋଜନା ହୋଇଛି।

ବିଡିଏ ପକ୍ଷରୁ ୪୦ ପ୍ରତିଶତ ସବୁଜ ବଳୟ ପାଇଁ ଖୋଲା ରହିବ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ହସ୍ପିଟାଲ, ସଫ୍ଟୱେର ପାର୍କ ନିର୍ମାଣ କରିବାକୁ ଯୋଜନା କରାଯାଇଛି। ଫଳରେ ନିଯୁକ୍ତି ବଢ଼ିବ। ଖୁବ୍‌ଶୀଘ୍ର ଏନେଇ ଜମି ଅଧିଗ୍ରହଣ କରାଯିବ। ତା ପୂର୍ବରୁ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମୋଟ୍ ୭.୫ କିମି ପାଚେରୀ ନିର୍ମାଣ ହେବ। ସେଥିମଧ୍ୟରୁ ପ୍ରାୟ ୧.୬ କିମି ପାଚେରୀ ନିର୍ମାଣ କାର୍ଯ୍ୟ କରିଛି ବିଡିଏ । ନ୍ୟୁ ସିଟି ପାଇଁ ଚିହ୍ନଟ ହୋଇଥିବା ଜମିରେ ପ୍ରାୟ ୩୦ଟି ଇନ୍ଦିରା ଆବାସ ଘର ରହିଛି। ଏହିସବୁ ହିତାଧିକାରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ଯୋଜନା ହୋଇଛି। ହେଲେ ଏହା ଭିତରେ ଥିବା ପ୍ରାୟ ୪୦ ଡୁପ୍ଲେକ୍ସକୁ ସ୍ଥାନାନ୍ତରଣ କରାଯିବନି। ଘରୋଇ ଜମି ଅଧିଗ୍ରହଣ କରାଯିବ। ଗାଁ ଲୋକଙ୍କୁ ଅନ୍ୟତ୍ର ଜାଗା ଦେବାକୁ ଯୋଜନା କରାଯାଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଜଣାପଡ଼ିଛି।

ସେହିପରି ଇଡ଼କୋ, ସାଧାରଣ ପ୍ରଶାସନ, ଓଏସ୍‌ଏଚପିସିରୁ ମଧ୍ୟ ଜାଗା କିଣା ହେବାକୁ ଯୋଜନା ରହିଛି। ସହର ନକ୍ସା ପ୍ରସ୍ତୁତ କରାଯାଉଛି। ଏଥିରେ ବଡ ବଡ ବିଲ୍ଡିଂ ନିର୍ମାଣ କରିବାକୁ ଯୋଜନା ହୋଇଛି। ମାର୍କେଟ କମ୍ପ୍ଲେକ୍ସ, ଖେଳ ପଡିଆ, ସ୍କୁଲ, କଲ୍ୟାଣ ମଣ୍ଡପ ରହିବ। ଏହାର ଡିଜାଇନ୍ ଖୁବ୍‌ଶୀଘ୍ର ପ୍ରସ୍ତୁତ କରିବାକୁ ବିଡିଏ ଯୋଜନା କରୁଛି। ଏହି ସହର ଭୁବନେଶ୍ୱର ସହିତ ଯୋଡ଼ିହେବ। ଚନ୍ଦକା ସଂରକ୍ଷିତ ଜଙ୍ଗଲ ଭିତରୁ ଜାଗା ନେବାକୁ ନେଇ କେଁ ପଶିଛି।

# ପୂର୍ବତଟ ରେଳପଥ ଦ୍ୱାରା ସ୍ୱଚ୍ଛତା ହିଁ ସେବା ଅଭିଯାନ

**ଭୁବନେଶ୍ୱର,୨୩।୯ (ମହାଭାରତ):** ପରିଷ୍କାର ପରିଚ୍ଛନ୍ନତା ଏବଂ ପରିବେଶ ସ୍ୱଚ୍ଛତା ପ୍ରତି ପ୍ରତିବଦ୍ଧତାର ଏକ ଉତ୍ସାହଜନକ ପ୍ରଦର୍ଶନରେ, ପୂର୍ବ ତଟ ରେଳପଥ ଆଜି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ପ୍ରଭାତ ଫେରି, ୫୦ କିଲୋମିଟର ସାଇକ୍ଲୋଥନ୍ ଏବଂ ବୃକ୍ଷରୋପଣ ଅଭିଯାନ



ସହିତ ଅନେକ ଆକର୍ଷଣୀୟ କାର୍ଯ୍ୟକଳାପ ଆୟୋଜନ କରି ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳନ କରିଅଛି। କାର୍ଯ୍ୟକ୍ରମରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦାନ କରି ସ୍ୱଚ୍ଛତା ଅଭିଯାନ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ସାଇକ୍ଲୋଥନକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ଏଥିରେ ଅଂଶଗ୍ରହଣ କରିଥିବା କର୍ମଚାରୀ, ଅଧିକାରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ପ୍ରୋତ୍ସାହିତ କରିଥିଲେ, ଯେଉଁମାନେ ଉତ୍ସାହର ସହିତ ରାସ୍ତାରେ ଯାତ୍ରା କରି ସ୍ୱଚ୍ଛତା ଏବଂ ସ୍ୱଚ୍ଛ ଭାରତ ମିଶନର ବାର୍ତ୍ତାକୁ ସାଧାରଣ ଜନତାଙ୍କ ପାଖରେ ପହଂଚାଇବା ପାଇଁ ପ୍ରୟାସ କରିଥିଲେ। ଏହା ସହିତ ପୂର୍ବତଟ ରେଳପଥ ଦ୍ୱାରା ପ୍ରଭାତ ଫେରି କାର୍ଯ୍ୟକ୍ରମକୁ ରେଳ ସଦନ ଠାରେ ପ୍ରାରମ୍ଭ କରାଯାଇଥିଲା ଯେଉଁଥିରେ କର୍ମଚାରୀ, ଅଧିକାରୀ ଓ ସେମାନଙ୍କର ପରିବାର ବର୍ଗ ମାନେ ଏକ ଉତ୍ସାହଜନକ ଶୋଭାଯାତ୍ରା ସହିତ ସ୍ଲୋଗାନ ଦେଇ ବ୍ୟାନର, ପୋଷ୍ଟର ଏବଂ ପ୍ଲାକାର୍ଡ ପ୍ରଦର୍ଶନ କରାଇ ଗର୍ବର ସହିତ ପଦଯାତ୍ରା କରୁଥିବା ଦେଖାଯାଇଥିଲା । ଏହି ଶୋଭାଯାତ୍ରା ରେଳ କଲୋନୀ ମାର୍ଗଦେଇ କୃକ୍ଷ ସଡକ ପଥକୁ ଅତିକ୍ରମ କରି ରେଳ ଷ୍ଟାଡିୟମରେ ସମାପ୍ତ କରାଯାଇଥିଲା ଯେଉଁଠି ପରିଷ୍କାର ପରିଚ୍ଛନ୍ନତା ଏବଂ ରେଳ ଆବାସିକ ଅଂଚଳ ମାନଙ୍କରେ ସଚେତନତାକୁ ବୃଦ୍ଧି କରାଯାଇଥିଲା। ଦଳଗତ ସାଇକେଲ ଚଲାଇ ଏବଂ ପଦଯାତ୍ରା କରି ସଚେତନତା ବାର୍ତ୍ତା ପ୍ରସାର କରିବା ବ୍ୟତୀତ ମହାପ୍ରବନ୍ଧକ ଫୁଙ୍କୱାଲଙ୍କ ନେତୃତ୍ୱରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା ଏବଂ ସମସ୍ତ ବିଭାଗର ପ୍ରମୁଖ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ସମସ୍ତେ ଏକତ୍ର ହୋଇ ସବୁଜ ଏବଂ ସ୍ୱାସ୍ଥ୍ୟକର ପରିବେଶ ନିର୍ମାଣ କ୍ଷେତ୍ରରେ ସେମାନଙ୍କର ଅବଦାନ ପାଇଁ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

### କଂଗ୍ରେସ ପାଇଁ ସମ୍ବିଧାନ, ସଂରକ୍ଷଣ ରାଜନୈତିକ ସାଧନ

# ଭାଜପା ପାଇଁ ଶ୍ରଦ୍ଧା ଏବଂ ଆସ୍ଥାର କେନ୍ଦ୍ର

**ଭୁବନେଶ୍ୱର,୨୩।୯ (ମହାଭାରତ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁହନ୍ତି, ଭାରତୀୟ ସଂବିଧାନ ଆମ ପାଇଁ ଜାତୀୟ ଗ୍ରନ୍ଥ ଅଟେ। ସେ ଥିବା ପର୍ଯ୍ୟନ୍ତ ସମ୍ବିଧାନ ଏବଂ ସଂରକ୍ଷଣକୁ କେବେ ବି କ୍ଷତି ପହଂଚିବ ନାହିଁ। କଂଗ୍ରେସ ପାଇଁ ସମ୍ବିଧାନ ରାଜନୈତିକ ସାଧନ ହୋଇପାରେ, କିନ୍ତୁ ଭାଜପା ପାଇଁ ସମ୍ବିଧାନ ହେଉଛି ଶ୍ରଦ୍ଧା ଏବଂ ଆସ୍ଥାର କେନ୍ଦ୍ର। କଂଗ୍ରେସର ପୂର୍ବତନ ସଭାପତି ତଥା ଲୋକ ସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ଦଳ ଦ୍ୱାରା ଲୋକସଭା ନିର୍ବାଚନ ସମୟରେ ବିଜେପି ବିରୋଧରେ ଦେଶରେ ମିଥ୍ୟା ପ୍ରଚାର କରାଗଲା ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେଲେ ସଂରକ୍ଷଣ ହଟାଇ ଦେବେ। ଏବେ କିଛିଦିନ ତଳେ ରାହୁଲ ଗାନ୍ଧୀ ଆମେରିକା ଯାଇଥିବାବେଳେ କହିଛନ୍ତି, କଂଗେସ କ୍ଷମତାକୁ ଆସିଲେ ସଂରକ୍ଷଣ ହଟାଇ ଦିଆଯିବ। ଯଦ୍ଦ୍ୱାରା କଂଗ୍ରେସର ଷଡ଼ଯନ୍ତ୍ର ଓ ଭିତିରି ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି। ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଶେଷ କରି ସେମାନଙ୍କୁ ସାଧାରଣ ଶ୍ରମିକ ଓ ଚାଷୀ ଭଳି ବ୍ୟବହାର କରିବା କଂଗ୍ରେସର ନୀତି ବୋଲି ସାମ୍ବାଦିକ ସମ୍ମିଳନୀ ଓ ପରେ ଅନୁଷ୍ଠିତ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରୀୟ ନେତା ତଥା ରାଜ୍ୟସଭା ସାସଂଦ ମିଥିଲେଶ କୁମାର କାଠେରିଆ କହିଛନ୍ତି। ଶ୍ରୀ ମିଥିଲେଶ କହିଛନ୍ତି ଯେ, କଂଗ୍ରେସ ପାର୍ଟି ୫୭ ବର୍ଷ ପର୍ଯ୍ୟନ୍ତ ଦେଶରେ ଶାସନ କରିଥିଲେ। ଏହି ସମୟରେ କଂଗ୍ରେସ ନିଜର ରାଜନୈତିକ ଉଦ୍ଦେଶ୍ୟ ପୂରଣ କରିବା ପାଇଁ




ସମ୍ବିଧାନ ପ୍ରକ୍ରିୟାର ବାରମ୍ବାର ଦୁରପଯୋଗ କରିଆସିଛି। କଂଗ୍ରେସ କେବେହେଲେ ସମ୍ବିଧାନର ମୂଳ ସିଦ୍ଧାନ୍ତ ଓ ସଂରକ୍ଷଣକୁ ଠିକ୍ ଭାବେ ଲାଗୁ କରିବାକୁ ଚେଷ୍ଟା କରିନାହିଁ। ଜବାହାରଲାଲ ନେହେରୁ ଦେଶରେ ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୫୬ରେ କାକା କାଲେକରଙ୍କ ପକ୍ଷରୁ ଦିଆଯାଇଥିବା ସଂରକ୍ଷଣ ରିପୋର୍ଟକୁ ଖାରଜ କରିଦେଇଥିଲେ। ସେତେବେଳେ କାକା କାଲେକରଜୀ କହିଥିଲେ, ଦେଶରେ ଥିବା ଦଳିତ ଓ ପଛୁଆ ବର୍ଗର ଲୋକଙ୍କ ବିକାଶ ପାଇଁ ସଂରକ୍ଷଣ ବ୍ୟବସ୍ଥା ଜରୁରୀ। ମାତ୍ର ନେହେରୁ ସରକାର ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ୧୯୬୧ରେ ନେହେରୁ ସରକାର ଦେଶର ସବୁ ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖି ଦର୍ଶାଇଥିଲେ ଯେ, ଆମେ ସଂରକ୍ଷଣ ଦେଉଛୁ କିନ୍ତୁ ଏହି ଲୋକେମାନେ ଠିକ୍ ନୁହନ୍ତି। ତେଣୁ ସେମାନଙ୍କ ସଂରକ୍ଷଣକୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଡ. ବାବାସାହେବ ଭୀମରାଓ ଆମ୍ବେଦକର ଦଳିତ ଓ ପଛୁଆ ବର୍ଗଙ୍କ ପାଇଁ ସମ୍ବିଧାନ ଜରିଆରେ ସଂରକ୍ଷଣ ଦେବାକୁ ଉଦ୍ୟମ କରୁଥିବାରୁ ନେହେରୁ ତାଙ୍କ ରାଜନୈତିକ ଜୀବନ ଶେଷ କରିଦେବାକୁ ଉଦ୍ୟମ କରିଥିଲେ। ଏପରିକି ୧୯୫୨ ନିର୍ବାଚନ ଓ ୧୯୫୪ ଉପନିର୍ବାଚନରେ ନେହେରୁ ତାଙ୍କୁ ହରାଇବାକୁ ଷଡ଼ଯନ୍ତ୍ର କରିଥିଲେ। ଅପରପକ୍ଷେ ଡ. ଭୀମରାଓ ବାବାସେହେବ ଆମ୍ବେଦକର ସଂରକ୍ଷଣ ପାଇଁ ସମ୍ବିଧାନରେ ଯେଉଁ ପ୍ରାବଧାନ ରଖିଥିଲେ ତାହାକୁ ଠିକ୍ ଭାବେ ଲାଗୁ କରିବା କାମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଛନ୍ତି।

# ଭି ଏସ୍ ଏସ୍ ନଗରରେ ସମସ୍ୟା ପ୍ରବଳ ସମାଧାନ ଦୁର୍ବଳ

**ଭୁବନେଶ୍ୱର,୨୩।୯ (ମହାଭାରତ):** ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ପରିଷଦର ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଦସ୍ୟମାନେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଉଦ୍‌ବେଗ ପ୍ରକାଶ କରିଥିଲେ। ୧୧ ନମ୍ବର ୱାଡରେ ସମସ୍ୟା ଅଧିକ ଥିବା ବେଳେ ସମାଧାନ ହେଉନଥିବା ନେଇ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଅଭିଯୋଗ କରିଥିଲେ। ଯେମିତିକି ଏଠାରେ ଓଭରବ୍ରିଜ ନିର୍ମାଣ ଚାଲିଥିବା ବେଳେ ସରଭିସ୍ ରୋଡ ନାହିଁ, ୱାଡ ଅଫିସ ଗୃହ ନିର୍ମାଣ ହୋଇପାରୁ ନାହିଁ, ବି ଏମ୍ ସି ର ୱାଡ କମିଟି ନାହିଁ, ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ରାସ୍ତା ପାଖରେ ମାସଂ କଟା ଚାଲଛି, ଡାକ୍ତରଖାନାରୁ ଲାବରେଟୋରୀ ଉଠାଇଦେବା ପାଇଁ ନୋଟିସ ଦେଇ ସାରିଲେଣି ଓ କଲୋନୀ ରାସ୍ତା ଖୋଲାହୋଇ ନୂତନ ରାସ୍ତା ନିର୍ମାଣ ହେବାର ବ୍ୟବସ୍ଥା ଥିଲେ ମଧ୍ୟ ରାସ୍ତା ଉପରେ ରାସ୍ତା ନିର୍ମାଣ ହେଉଥିବାରୁ ରାସ୍ତା ପାଣି ଘର ଭିତରେ ପସୁଛି। ଆଜିର ବୈଠକରେ ଉନ୍ନୟନ ପରିଷଦ ନିଷ୍ପତି ନେଇଛି ଓଭରବ୍ରିଜ ପାଖରେ ସରଭିସ୍ ରୋଡ ତୁରନ୍ତ ନହେଲେ ରାଜ ରାସ୍ତାକୁ ଓହ୍ଲାଇବେ ଭି ଏସ୍ ଏସ୍ ନଗର ବାସିନ୍ଦା। ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ବୈଠକରେ ବିବରଣୀ ପାଠ କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିବା ବେଳେ କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥିକ ବିବରଣୀ ପାଠ କରିଥିଲେ। ଭି ଏସ୍ ଏସ୍ ନଗରର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା । ବୈଠକରେ କରପୋରେଟର ପ୍ରଭାସିନୀ ମହାନ୍ତି, ଯୁଗ୍ମ-ସମ୍ପାଦକ ଯୁଗ୍ମ-ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ଶିତଳ ଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ସାମଲ ଓ ଚିନ୍ତାମଣି ବାରିକଙ୍କ ସହିତ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଡ କୁମୁଦ ମିଶ୍ର, ତ୍ରିଲୋଚନ ରଥ, ଶଶି ଭୂଷଣ ଦାସ, ବିଜୟ କୁମାର ଦେ, ବିବେକାନନ୍ଦ ମହାନ୍ତି, ଅମ୍ବିକା ମହାନ୍ତି, ପ୍ରଶାନ୍ତ ବାରିକ ଓ ସୋମନାଥ ଦାଶ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଦୁବାଇ ମିରାକିଲ ଗାର୍ଡେନରେ ବିରାଜିବେ ମା'

**ଭୁବନେଶ୍ୱର,୨୩।୯ (ମହାଭାରତ):** ମା ଆସୁଛନ୍ତି, ଚଳଚଞ୍ଚଳ ହୋଇପଡିଛି ରାଜଧାନୀ, ଚିରିଆଡେ ଖୁସିର ମାହଲ, ଆନନ୍ଦ ଉଲ୍ଲାସରେ ଫାଟି ପଡୁଛି ଭକ୍ତଙ୍କ ମନ, ଆଉ କେଇଟା ଦିନ ପରେ ଭକ୍ତମାନଙ୍କୁ ଦର୍ଶନ ଦେବେ ମା ଦଶଭୂଜା। ଚଳିତ ବର୍ଷ ମହା ଆଡମ୍ବରରେ ପାଳିତ ହେବାକୁ ଯାଉଛି ଦୁର୍ଗାପୂଜା। ଏଥିପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଦୌଡରୁ ବାଦ ପଡିନି ଡମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି। ସମର୍ଗ ଚନ୍ଦ୍ରଶେଖରପୁର ଅଞ୍ଚଳରେ ବୃହତ ତୋରଣ, ରଙ୍ଗିନ ଆଲୋକମାଳା, ୫୦ ଫୁଟର ଇ ରାବଣ ପୋଡି, ତାରକସୀ ମେଢ ସାଙ୍ଗକୁ ଚାନ୍ଦି ମୁକୁଟ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିବା ଡମଣା ଗୋପୀନାଥ ଜୀଉ ଦୁର୍ଗାପୂଜା କମିଟି ଏଥର ୧୧୦ ଫୁଟ ଓସାର ଓ ୭୦ ଫୁଟ ଚଉଡା ବିଶିଷ୍ଟ ଦୁବାଇର ମିରାକିଲ ଗାର୍ଡେନ ସଦୃଶ ତୋରଣ ନିର୍ମାଣ କରି ଅଞ୍ଚଳର ଶୋଭା ବର୍ଦ୍ଧନ କରିବ। ଏହାକୁ କଲିକତାର ୨୨ ଜଣ କାରିଗର ନିର୍ମାଣ କରୁଛନ୍ତି। ଫାଇବର, ଗ୍ଲାସ ଓ ରଙ୍ଗ ବେରଙ୍ଗର ବିଭିନ୍ନ ଫୁଲରେ ନିର୍ମିତ ହେଇଛି ମିରାକିଲ ଗାର୍ଡେନ। ଫୁଲର ବାସ୍ନାରେ ଚର୍ତୁଦିଗ ମହକିବା ସହିତ ସମସ୍ତଙ୍କୁ ଆକର୍ଷିତ କରିବ।

ସହର ଭିତରେ ଗ୍ରାମର ଭାଇଚାରାକୁ ବଜାୟ ରଖି ୧୨ ବର୍ଷ ତଳେ ନିଶାକର ସାହୁଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହି କମିଟି ୧୩ ବର୍ଷରେ ପଦାପର୍ଣ କରିଛି। ପ୍ରତିବର୍ଷ କିଛିନା କିଛି ନୂଆ କରି ଦେଖାଉ ଥିବା ଏହି କମିଟି ଏବର୍ଷ ନୂତନ ଆକର୍ଷଣ ଭେଟି ଦେବ। ସେଥିପାଇଁ ୪୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ଦୁବାଇ ମିରାକିଲ ଗାର୍ଡେନ ସଦୃଶ ତୋରଣରେ ବିରାଜିବେ ମା। ମଣ୍ଡପକୁ ସଂଯୋଗ କରୁଥିବା ଚାରୋଟି ରାସ୍ତାରେ ଏଲଇଡି ଲାଇଟ୍‌ର ଗେଟ୍ ଲାଗିବା ସହିତ ରଙ୍ଗିନ ଆଲୋକ ମାଳାରେ ସୁସଜ୍ଜିତ କରାଯିବ। ୧୪ ଫୁଟର ମାଙ୍କ ମୃଣ୍ମୟୀ ମୂର୍ତ୍ତି ସହ ୧୬ ଫୁଟର ତାରକସୀ ମେଢ କାମ ଜାରି ରହିଛି। ଏହାକୁ ପୁରୁଣା ଭୁବନେଶ୍ୱରର ଦକ୍ଷ କାରିଗର ମାନେ ନିର୍ମାଣ କରୁଛନ୍ତି। ମାଙ୍କ ମସ୍ତକରେ ଚାନ୍ଦି ମୁକୁଟ ଶୋଭା ପାଇବା ସହିତ ତାରକସୀ ଗହଣାରେ ସୁସଜ୍ଜିତ ହେବେ ମା ଦୁର୍ଗତିନାସିନୀ। ଷଷ୍ଠୀରେ ବିଲ୍ୱବରଣ ଅନୁଷ୍ଠିତ ହେବ। ସପ୍ତମୀରେ କଳସ ଯାତ୍ରାରେ ୧୦୮ ଜଣ ମହିଳା ସାମିଲ ହୋଇ ଡମଣା ଗ୍ରାମ ସ୍ଥିତ ଅଲେଖ ମହିମା ଆଶ୍ରମ ପୁଷ୍କରଣୀରୁ ପାଣି ଗ୍ରହଣ କରି ଗ୍ରାମ ପରିକ୍ରମା କରିବା ସହିତ ମାଙ୍କ ପୂଜା ପୀଠରେ ପହଞ୍ଚି ଜଳାଭିଷେକ କରିବେ।

# ବିଶ୍ୱଶାନ୍ତି ଦିବସ ପାଳନ ଓ ରକ୍ତଦାନ ଶିବିର

**କଟକ,୨୩।୯ (ମହାଭାରତ):** ଆନ୍ତର୍ଜାତୀୟ ବିଶ୍ୱଶାନ୍ତି ଦିବସ ପାଳନ ଉପଲକ୍ଷେ ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲ ଏବଂ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ଯୁକ୍ତତିନି ଜାତୀୟ ସେବା ସଂସ୍ଥା ତରଫରୁ ଏକ ଆଲୋଚନାଚକ୍ର ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ହୋଇଥିବା କର୍ମଶାଳାକୁ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ବିଶପ ରାଇଟ ରେଭେରେଣ୍ଡ ଏସ.କେ ନନ୍ଦ ଉଦଘାଟନ କରି ବିଶ୍ୱଶାନ୍ତି ଓ ରକ୍ତଦାନର ମହତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପରିଚାଳନା ସମିତିର ସମ୍ପାଦକ ଏସ୍.ପରମାଣିକ ଛାତ୍ରଛାତ୍ରୀ ମାନଙ୍କୁ ରୋଟାରୀ କ୍ଲବର ଉଦ୍ଦେଶ୍ୟ ଓ ବିଶ୍ୱଶାନ୍ତିରେ ଯୋଗଦାନ ସମ୍ବନ୍ଧରେ ସୂଚନା ଦେଇଥିଲେ।




କ୍ଲବର ପୂର୍ବତନ ସଭାପତି ରୋଟାରିୟନ ସୁଭାଷ ଚନ୍ଦ୍ର ପ୍ରଧାନ ବିଶ୍ୱଶାନ୍ତି ପ୍ରଚାର ଓ ପ୍ରସାରରେ ସ୍ୱାମୀ ବିବେକାନନ୍ଦଙ୍କର ଭୂମିକା ଏବଂ ତାଙ୍କ ବାଣୀକୁ ଯୁବସମାଜ ଆପଣେଇ ପାରିଲେ ବିଶ୍ୱରେ ଭାତୃତ୍ୱ ଓ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। କଲେଜ ଅଧ୍ୟକ୍ଷା ଡଃ ଦୀପା ନାଗ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ରୋଟାରୀ କ୍ଲବର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ସଭା ସଂଯୋଜନା ବିଶ୍ୱରଞ୍ଜନ ମହାନ୍ତି କରିଥିବା ବେଳେ ରକ୍ତଦାନ ଶିବିରକୁ ଯୁକ୍ତ ତିନି ଜାତୀୟ ସେବା ସଂସ୍ଥା ସଂଯୋଜିକା ଡଃ ସନ୍ଧ୍ୟା ସାୟନ୍ତିନୀ ମହାନ୍ତି, ସପନଜିତ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ସଭା ସାଙ୍ଗ ହେବା ପରେ ମହାବିଦ୍ୟାଳୟ ଜାତୀୟ ସେବାସଂସ୍ଥା ପ୍ରତିନିଧି, ଅନ୍ୟ ଛାତ୍ରଛାତ୍ରୀ, ରୋଟରାକଟ କ୍ଲବ କଟକ ସେଣ୍ଟ୍ରାଲର ସଦସ୍ୟ, ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ରୋଟାରିୟନ ମାନେ ବିଭିନ୍ନ ପ୍ଲାକାର୍ଡମାନ ଧରି ଏକ ଶାନ୍ତି ଶୋଭାଯାତ୍ରା ଓ ମାନବ ଶୃଙ୍ଖଳ କରିଥିଲେ। ରକ୍ତଦାନ ଶିବିରରେ ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା ରୋଟାରିୟନ ଏବଂ ସେମାନଙ୍କ ପରିବାର ବର୍ଗ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରରେ ବରିଷ୍ଠ ଅଧ୍ୟାପକ ଡଃ ଅବନୀକାନ୍ତ ସାହୁ ସହଯୋଗ କରିଥିବା ବେଳେ ରୋଟାରିୟାନ ମାନଙ୍କ ମଧ୍ୟରେ କ୍ଲବ ସମ୍ପାଦକ ସତ୍ୟଗୋପାଳ ପରିଜା, ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ବିଦ୍ୟୁତ କୁମାରୀ ଲାଲା, ସିଦ୍ଧାର୍ଥ ପ୍ରସାଦ ମିଶ୍ର ତୃପ୍ତିମୟୀ ମିଶ୍ର, ଜ୍ୟୋତିରଞ୍ଜନ ସିଂ ପ୍ରମୁଖ ଯୋଗଦେଇଥିଲେ।

# ହେନ୍ତାଳ ବଣକୁ ନଷ୍ଟ

ଯଦି ସମୁଦ୍ର କୂଳରେ ଥିବା ହେନ୍ତାଳ ବଣକୁ ଆମେ ନଷ୍ଟ କରିନଥାନ୍ତୁ ତେବେ ସମୁଦ୍ର ଜୁଆରରେ ୧୦ ହଜାର ଲୋକ ପ୍ରାଣ ହରାଇନଥାନ୍ତେ। ଏବେ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ପ୍ରବଳ ବର୍ଷା ହେତୁ ବ୍ୟାପକ କ୍ଷୟକ୍ଷତି ହୋଇଛି ଏବଂ ଅନେକ ଲୋକଙ୍କ ଜୀବନ ହାନୀ ହୋଇଛି। ଗୁଜରାଟରେ ମଧ୍ୟ ଏଭଳି ବର୍ଷା ଓ ବନ୍ୟାରେ ପ୍ରାୟ ୫୦ଜଣଙ୍କର ଜୀବନ ଯାଇଛି। ମୌସୁମୀରେ ବର୍ଷା ହେବା ସ୍ୱାଭାବିକ। ଅନେକ ସମୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥାଏ। କିନ୍ତୁ ଏହା ସେତେବେଳେ ବିପର୍ଯ୍ୟୟର କାରଣ ହୋଇଥାଏ ଯେତେବେଳେ ବର୍ଷା ବା ବନ୍ୟା ଜଳ ନିଷ୍କାସନର ବାଟ ପାଏନି। କଙ୍କ୍ରିଟ ଜଙ୍ଗଲରେ ଆମେ ପ୍ରକୃତିର ବାଟ ଓଗାଳିଛୁ। ତେଣୁ ବିପର୍ଯ୍ୟୟ ସୃଷ୍ଟି ହେବା ସ୍ୱାଭାବିକ। କେବଳ ଭାରତ ନୁହେଁ, ଏବେ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଏବେ ଗଭୀର ଭାବେ ଅନୁଭବ କରାଯାଉଛି। କିଛି ବର୍ଷ ତଳେ ଜଳବାୟୁ ପରିବର୍ତ୍ତନ ନେଇ ଯେଉଁ ଚେତାବନୀ ଦିଆଯାଉଥିଲା ତାହା ଏବେ ବାସ୍ତବତାରେ ରୂପାନ୍ତରିତ ହେବା ଦେଖାଯାଉଛି। ଗ୍ଲାସିୟର ତରଳିବା, ଦୁବାଇ ଓ ଓମାନ ଭଳି ଦେଶ, ରାଜସ୍ଥାନର ମରୁଭୂମିରେ ଅତି ପ୍ରବଳ ବର୍ଷା ହେବା ଏହାର ସଦ୍ୟତମ ଉଦାହରଣ। କିଛି ମାସ ତଳେ ଦୁବାଇରେ ଯେପରି ବାଦଲ ଫଟା ବର୍ଷା ହେଲା ତାହା ଅତୀତରେ କେବେ ଦେଖାଯାଇନଥିଲା। ସାଧାରଣ ଲୋକେ ଏଥିପାଇଁ ପ୍ରସ୍ତୁତ ନଥିଲେ। ଓମାନର ମରୁଭୂମିରେ ଏତେ ବର୍ଷା ହେଲା ଯେ, ଓଟମାନେ ପାଣିରେ ବୁଡ଼ିଗଲେ। ସେମାନେ ତତଲା ବାଲିରେ ଚାଲିବାରେ ଅଭ୍ୟସ୍ତ। ପ୍ରକୃତିର ଏହି ବିଚିତ୍ରତା ଅନେକଙ୍କୁ ବିସ୍ମିତ କରିଛି। ଅନେକଙ୍କ ମତରେ ପରିବର୍ତ୍ତନ ହେଉଛି ପ୍ରକୃତିର ନିୟମ। ତେଣୁ ପାଣିପାଗରେ ଏଭଳି ପରିବର୍ତ୍ତନ ଦେଖାଯାଉଛି। କିନ୍ତୁ ଏହା ପରିବର୍ତ୍ତନ ନୁହେଁ, ଏହା ଅନିୟମିତତା ଏବଂ ଅସ୍ୱାଭାବିକତା। ଏହା ମନୁଷ୍ୟକୃତ ବିପର୍ଯ୍ୟୟ। ଏହା ଗୋଟିଏ ଦିନ ବା ଗୋଟିଏ ବର୍ଷର ପ୍ରଭାବ ନୁହେଁ। ବର୍ଷ ବର୍ଷ ଧରି ମଣିଷ ପ୍ରକୃତିକୁ ଯେପରି ଭାବେ ନିର୍ଯ୍ୟାତିତ କରି ଆସୁଛି ତାହା ପ୍ରତିଫଳ ଆଜି ଆମକୁ ଭୋଗିବାକୁ ପଡୁଛି। ଆଜି ଯେଉଁ ଏଲନିନୋ କଥା କୁହାଯାଉଛି ତାହା ମଧ୍ୟ ପ୍ରକୃତିର ଏକ ଅସ୍ୱାଭାବିକତା। ଏହା ବି ମନୁଷ୍ୟକୃତ। ପରିବେଶକୁ ପ୍ରଦୂଷିତ କରିବାରେ, ବାୟୁ ମଣ୍ଡରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି କରିବାରେ ମଣିଷର ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହା ହିଁ ବିପର୍ଯ୍ୟୟର କାରଣ। ବିକାଶ ନାମରେ, ଆଧୁନୀକତା ନାମରେ ଆମେ ଅବିଚାରିତ ଭାବେ ଗଛ କାଟି ଜଙ୍ଗଲ ସଫା କଲେ, କଙ୍କ୍ରିଟ ଜଙ୍ଗଲ ସୃଷ୍ଟି କଲେ, ରାସାୟନିକ ସାମଗ୍ରୀର ବ୍ୟବହାରକୁ ଉତ୍ସାହିତ କଲେ। କୁଟୀର ଶିଳ୍ପକୁ ଧ୍ୱଂସ କରି ବଡ଼ ବଡ଼ କଳାକାରଖାନା ପ୍ରତିଷ୍ଠା କରି ପରିବେଶକୁ ପ୍ରଦୂଷିତ କଲେ। ଆଧୁନୀକ ଏବଂ ଆଡମ୍ବରପୂର୍ଣ୍ଣ ଜୀବନଯାପନ ପାଇଁ ସରଳ, ପାରମ୍ପରିକ ଜୀବନଯାତ୍ରାକୁ ବର୍ଜନ କଲେ। ଏହାର ପରିଣାମ ଆମକୁ ଭୋଗିବାକୁ ପଡ଼ିବ। ଏବେ ସାରା ଦେଶରେ ଭୟଙ୍କର ଗ୍ରୀଷ୍ମପ୍ରବାହ ହେଉଛି। ଓଡ଼ିଶାରେ ଦିନର ସର୍ବାଧିକ ତାପମାତ୍ରା ୪୫ ଡିଗ୍ରୀ ଛୁଇଁଲାଣି। ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଭବିଷ୍ୟବାଣୀ କରୁଛନ୍ତି। ଆଜି ଭୟଙ୍କର ଗ୍ରୀଷ୍ମପ୍ରବାହ ଯୋଗୁ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। କାଲି ବଡ଼ ବାତ୍ୟା ବା ବାଦଲଫଟା ବର୍ଷା ଯୋଗୁ ପରିସ୍ଥିତି ଅଣାୟତ ହୋଇପାରେ। ଭୟଙ୍କର ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବାକୁ ଲୋକେ ବହୁଳ ମାତ୍ରାରେ ଏସି ଲଗାଉଛନ୍ତି ଏପରିକି ବିନା ଏସିରେ ଲୋକେ ଗାଡ଼ିରେ ମଧ୍ୟ ବାହାରକୁ ଯାଉ ନାହାଁନ୍ତି।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

“ ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି ।

|| ଅଲେଖ ଚନ୍ଦ୍ର ସାମଲ ||

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ । ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ । ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ । ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ । ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି । ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି । ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ । ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଲେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ାକଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି । ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ। ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।

ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ଏକ ଐଶୀକଳା ସଂପନ୍ନ ବରପୁତ୍ର

|| ଫଜଲ ହକ ଖାନ୍ ||

କାଳରେ ଧର୍ମର ଗ୍ଲାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମ୍‌ର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଲୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

“ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ୍ୟ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।’’

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରିଥିଲେ ଯେ,‘ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୁକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧ୍ୟାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟ୍ରର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।

ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭

# ଆମେ ଓ ଆମ ପରିବେଶର ପଶୁପକ୍ଷୀ

|| ବିପିନ ବିହାରୀ ମହାନ୍ତି ||

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା’ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା’ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ’ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ’ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ’ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା’ ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲଡ୍ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ

## ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର

କୋକସରା,(ମହାଭାରତ): କୋକସରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳ ଏବଂ ଜିଲ୍ଲା ଅରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି, ଧର୍ମଗଡ ଉପଜିଲ୍ଲାପାଳ ଧୀମାନ ଚକମା, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସ୍ନେହପ୍ରଭା ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ ସମେତ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା, ଯୋଗାଣ ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ, କୃଷି, ଜଙ୍ଗଲ, ବିଦ୍ୟୁ ଜଳ ସେଚନ, ପଶୁ ସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଜନ ଶୁଣାଣି ଶିବିରରେ ମୋଟ୍ ୧୦୮ ଅଭିଯୋଗ ଆସିଥିବା ବେଳେ ସାମୁହିକ ୩୯ ଓ ଅନ୍ୟାନ୍ୟ ୬୯ ଅଭିଯୋଗ ପଞ୍ଜିକରଣ ହୋଇଥିଲା। ଶିବିରରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ଦାବି, କୋକସରା ମେଡିକାଲରେ ଶିଶୁ ଓ ମେଡିକାଲ ପେସିଆଲଲିଷ୍ଟ ଡାକ୍ତର ପୂରଣ, ମାଲପଡା ଗ୍ରାମର ବନ୍ଦ ହୋଇଥିବା ବିଦ୍ୟାଳୟ ପୂନଃ ଖୋଲିବା, ବିଭିନ୍ନ କାର୍ଯ୍ୟାଳୟରେ ଦିର୍ଘ ବର୍ଷରୁ ରହିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି ଭଳି ବିଭିନ୍ନ ଅଭିଯୋଗ ହୋଇଥିଲା। ଏହା ବ୍ୟତୀତ ଆବାସ ଯୋଜନା, ଭତ୍ତା, ରାସନ୍ କାର୍ଡ, ବିଭିନ୍ନ ରାସ୍ତାର ଉନ୍ନତିକରଣ, ଅଙ୍ଗନବାଡି ଚାଉଳ ବଣ୍ଟନରେ ଦୁର୍ନୀତି ଆଦି ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ଜନ ସାଧାରଣ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଗୁଡ଼ିକ ଶୁଣିବା ପରେ ଜିଲ୍ଲାପାଳ ତୁରନ୍ତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଥିବାବେଳେ ବ୍ଲକର ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେୟ ତେବେ ଶିବିରରେ ପାନୀୟ ଜଳର ସୁବ୍ୟବସ୍ଥା ହୋଇ ନଥିବାରୁ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଅନ୍ଧାର ରେ ଦୁଇ ଗାଁ, କୁମ୍ଭକର୍ଣ୍ଣ ନିଦ୍ରାରେ ବିଦ୍ୟୁତ ବିଭାଗ

କପ୍ତିପଦା -(ମହାଭାରତ )-: କପ୍ତିପଦା - କପ୍ତିପଦା ବ୍ଲକ ର ଆଦିବାସୀ ଅଧୁସିତ ଲାବଣ୍ୟ ଦେଇପୁର ପଞ୍ଚାୟତ ର ୨ଗାଁ ଦୀର୍ଘଦିନ ଧରି ଅନ୍ଧାରରେ ରହିଥିବା ବେଳେ କର୍ଣ୍ଣପାତ କରୁନାହଁ ବିଦ୍ୟୁତ ବିଭାଗ । ଲାବଣଦେଇପୁର ପଞ୍ଚାୟତ ର ସାଣଦେଇ ଓ କାନକୁମୁରା ଗାଁ ରେ ଦୀର୍ଘଦିନ ଧରି ଟ୍ରାନ୍ସଫର୍ମର ପୋଡ଼ିଯାଇଥିବା ରୁ ଗାଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି , ଦୁଇ ଗାଁ କୁ ଦୀର୍ଘଦିନ ପୂର୍ବରୁ ଏକ ୧୬ କେଭିର ଟ୍ରାନ୍ସଫର୍ମର ଲାଗିଥିଲା, ଯେଉଁ ଥିରେକି ଗ୍ରାହକ ସଂଖ୍ୟା ୭୭ । ୭୭ଜଣ ଗ୍ରାହକଙ୍କ ପାଇଁ ଅନ୍ୟୁନ ୬୦କେଭିର ଟ୍ରାନ୍ସଫର୍ମର ଆବଶ୍ୟକ ହେଉଥିବାବେଳେ ଏହି ଛୋଟ ଟ୍ରାନ୍ସଫର୍ମର ଲୋଡ ନେଇ ପାରୁନଥିବା ରୁ ବାରମ୍ବାର ପୋଡିଯାଇଛି,ଆଜକୁ ପ୍ରାୟ ୬ମାସ ପୂର୍ବରୁ ଏହି ଟ୍ରାନ୍ସଫର୍ମର ପୋଡ଼ିଯାଇଥିବା ବେଳେ ଗ୍ରାମବାସୀଙ୍କ ଦାବିକୁ ଆଖିରେ ରଖି ବିଭାଗୀୟ କର୍ତୃପକ୍ଷ ପ୍ରତି ଗାଁରେ ୨୫କେଭିର ଟ୍ରାନ୍ସଫର୍ମର ଲଗାଇ ବାକୁ ପ୍ରତିଶ୍ରୁତି ଦେଇଥିଲେ,ମାତ୍ର ଆଜକୁ ୬ମାସ ବିତିଯାଇଥିଲେ ମଧ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇନଥିଲା,ଫଳରେ ନୂଆ ଲଗାଯାଇଥିବା ୧୬କେଭି ଟ୍ରାନ୍ସଫର୍ମର ଟି ପୋଡ଼ି ଯାଇଥିଲା,ଆଜକୁ ଦୀର୍ଘଦିନ ହେଲା ଆଦିବାସୀ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି,ଏ ବାବଦରେ ବାରମ୍ବାର ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ମଧ ବିଭାଗ ନିଘୋଡ଼ ନିଦରେ ଶୋଇଛି, ଦୀର୍ଘଦିନ ଦିନଧରି ଅନ୍ଧାର ରେ ରହିଥିବା ଲୋକେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ଚିନ୍ତା ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

## ଆଇନଗତ ସହାୟତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ବାଣପୁର :( ମହାଭାରତ )ସୋମବାର ଦିନ ଗ୍ରାମୀଣ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବାଣପୁର ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତ୍ଵାବଧାନରେ ଏସିଡ୍ ଆକ୍ରମଣ, ଏହାର ନିରାକରଣ,ଆଇନଗତ ସହାୟତା, ସମ୍ପର୍କିତ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଶ୍ରୀ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମର ଆଇନଗତ ଦିଗ, ପୀଡ଼ିତାଙ୍କ ପାଇଁ ଚିକିତ୍ସା ପଦ୍ଧତି, ଆର୍ଥିକ ସହାୟତା , ପୀଡ଼ିତାଙ୍କ ପାଇଁ କ୍ଷତିପୂରଣ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ ତରଫରୁ ଏସିଡ ଆକ୍ରମଣରେ କ୍ଷତିଗ୍ରସ୍ତଙ୍କ ପାଇଁ ଥିବା ବିଭିନ୍ନ ଆଇନଗତ ସୁବିଧା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ।

## ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଆସିକା ଗସ୍ତ



ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ପ୍ରସିଦ୍ଧ ସୋରଡ଼ା ସ୍ଥିତ କଣ୍ଟାପିଢା ଯାତ୍ରା ରେ ଯୋଗ ଦେବା ଅବସରରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କର ଅନୁରୋଧ କ୍ରମେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ବିଧାୟକ ଙ୍କ ବାସ ଭବନ ଠାରେ ପହଞ୍ଚିଥିଲେ। ମନ୍ତ୍ରୀଙ୍କୁ ବିଧାୟକ ସରୋଜ କୁମାର ପାଢ଼ୀ ଓ କବିସୂର୍ଯ୍ୟନଗର ବିଧାୟକ ପ୍ରମୁଖ ପୁଷ୍ପ ଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ଆସିକା ସବଡିଭିଜନ ଡାକ୍ତରଖାନା ର ବିଭିନ୍ନ ଅବ୍ୟବସ୍ଥା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିମଧ୍ୟରୁ ଆସିକା ଡାକ୍ତରଖାନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ଥ ଶଲ୍ୟ ବିଭାଗ, ନିଶ୍ଚେତକ ବିଭାଗ, ଅସ୍ଥିଲ୍ୟ ବିଭାଗ ରେ ତୁରନ୍ତ ଡାକ୍ତର ନିଯୁକ୍ତି କରିବାନାମକୁ ମାତ୍ର ଅଲଟ୍ରାସାଉଣ୍ଡ ଟିକୁ ସବୁଦିନିଆ ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ସୁବିଧା କରିବା ସେହିଭଳି ରକ୍ତଭଣ୍ଡାର, ବ୍ଲଡ଼ ଡ଼ାଇ ଲେସିସ, ଇ ସି ଜିତୁରନ୍ତ କାର୍ଯ୍ୟ କରିବା ସହ ଏହି ସବଡ଼ିଭିଜନ ଡାକ୍ତରଖାନା ରେ ଶବ ନେବା ପାଇଁ ମହାପ୍ରଣୟ ଗାଡି ଯୋଗାଇଦେବା ପାଇଁ ଦାବୀ ହୋଇଥିଲା।ମାନ୍ୟବର ମନ୍ତ୍ରୀ ଗଞ୍ଜାମ ସି ଡି ଏମ ଓ ଙ୍କୁ ତୁରନ୍ତ ମହାପ୍ରଣୟ ଗାଡି ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପଡିଆ ରୁ ଆଘାତ ଅଣ୍ଡିରା କୃଷ୍ଣସାର ମୃଗ ମୃତ ଠାବ

ଆସିକା (ମହାଭାରତ)ଁଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ଆସିକା ବନାଞ୍ଚଳ ଭେଟନଇ ଗ୍ରାମ ନିକଟ ଜଗତି ପଡିଆ ରୁ ଗୋଟିଏ ଆଘାତ ଅଣ୍ଡିରା କୃଷ୍ଣସାର ମୃଗ ର ମୃତ ଦେହ ଠାବ ହୋଇଛି । କୃଷ୍ଣସାର ମୃଗ ର ମୃତଦେହ ଏହି ସ୍ଥାନରେ ପଡ଼ି ରହିଥିବା ଆଜି କିଛି ଲୋକ ଦେଖିବାକୁ ପାଇବା ପରେ କୃଷ୍ଣସାର ମୃଗ ସୁରକ୍ଷା ସମିତି ର ସଦସ୍ୟ ମାନେ ବନବିଭାଗ କୁ ଖବର ଦେଇଥିଲେ। ଆସିକା ବନ ବିଭାଗ ର ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ଫରେଷ୍ଟର ଶରତ ଚନ୍ଦ୍ର ବେହେରା ଙ୍କ ସମେତ ଏକ ଟିମ ଅପରାହ୍ନ ଗୋଟାଏ ସମୟରେ ଜଗତିପଡିଆ ରେ ପହଞ୍ଚି କୃଷ୍ଣ ସାର ମୃଗ କୁ ସେଠାରୁ ଉଧାରକାରୀ ମୃତଦେହ ବ୍ୟବଛେଦ ନିମନ୍ତେ ପଠାଯାଇଥିଲା । ତେବେ ମୃତ ମୃଗ ଟିର ବୟସ ପାଖାପାଖି ୧୦ ବର୍ଷ ହେବା ସହ ଅଣ୍ଡିରା ପ୍ରଜାତି ର ହୋଇଥିବା ଜଣାପଡିଛି । ମୃଗଟିର ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ସେହି କାରଣରୁ ତାର ମୃତ୍ୟୁ ହୋଇଥିବା ଜଣାପଡିଛି । ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଷୀ ମାନେ ଚାଷ ସୁରକ୍ଷା ପାଇଁ ନିଜ ନିଜ ଜମି ରେ ତାରବାଡ଼ ଘେରି କରି ଥିବାରୁ ମୃଗଟିର ମୃତ୍ୟୁ ହୋଇଥିବା ଆଲୋଚନା ହେଉଛି।

## ପାଟଣା ମହାବିଦ୍ୟାଳୟ ର ୪୩ତମ ପ୍ରତିଷ୍ଠା ଦିବସ ପାଳିତ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ର ୪୩ତମ ଦିବସ ପାଳିତ ହୋଇ ଛି । କାର୍ଯ୍ୟକ୍ରମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ଅଧକ୍ଷ ବିରେନ୍ଦ୍ର ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦାନ କରି କଲେଜ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ର ମାର୍ଗ ଅଭିଭାଷଣ ରଖି ଥିଲେ । ମୁଖ୍ୟବକ୍ତା ଭାବେ କରଞ୍ଜିଆ ମହାବିଦ୍ୟାଳୟ ଅର୍ଥଶାସ୍ତ୍ର ଅଧ୍ୟାପକ ପ୍ରଶ୍ନ କୁମାର ଦାଶ ଉପସ୍ଥିତ ହୋଇ ଶିକ୍ଷା କ୍ଷେତ୍ରରେ ଗୁରୁ ଶିଷ୍ୟ ର ସମ୍ପର୍କ ଉପରେ ଅଭିଭାଷଣ ଟିପଣୀ ରଖି ଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାଦାତା ବିଦ୍ୟାଧର ଦାଶ,ବରିଷ୍ଠ ସମ୍ବାଦିକ ନୃସିଂହ ନାଥ ସିଂ କଲେଜ କୁ ସ୍ଥାପନା ଓ ତାର ଉନ୍ନତି ଦିଗରେ ଉପସ୍ଥିତ ଛାତ୍ରଛାତ୍ରୀ ଅଭିଭାବକ ଙ୍କ ସମୁଖରେ ଉପସ୍ଥାପନା କରିଥିଲେ। ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ କୁ ଲେଫ୍ ଲାଣ୍ଡ ଧର୍ମେନ୍ଦ୍ର କୁମାର ସାହୁ ସଂଯୋଜନା କରିଥିବା ବେଳେ ଅତିଥି ମାନ ଙ୍କୁ ପୂର୍ବତନ ଛାତ୍ର ବିଜୟ ରୁ ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଓଡ଼ିଆ ଅଧ୍ୟାପକ ଜଗନ୍ନାଥ ମହାନ୍ତ,ଡେମଷ୍ଟ୍ରେଟ୍ ବଜେନ୍ଦ୍ର ପତି ସଂପୂର୍ଣ୍ଣ ଭାବେ ସହଯୋଗ କରି ଥିବା ବେଳେ ମହାବିଦ୍ୟାଳୟ ର ଅଧ୍ୟାପକ ଅଧ୍ୟାପିକା ଡକ୍ଟର ମନ୍ଦାକିନୀ ନାଏକ,ଡକ୍ଟର ଲିପି ମହାନ୍ତ,ଇତିନା ପରିଡା,ସୁନୋନ୍ତ ସଭାଲିନୀ ମହାପାତ୍ର,ସୁଚିସ୍ମିତା ଦାଶ,ନଳିନୀ କାର୍ଜି, ଦୀକ୍ଷା ରାଉତ, ମଧୁସ୍ମିତା ମହାନ୍ତ, ପୂଜାରାଣୀ ବାରିକ,ବିନୋଦିନି ମହାନ୍ତ, ଅଞ୍ଜନ କୁମାର ଡୋରା,ଡୋବିଶା ଟେଟେ, ପରମେଶ୍ୱର ଧାରୁଆ,ସନ୍ତୋଷ କୁମାର ସାହୁ, ରଜତ କୁମାର ଦାଶ୍, ମୋଦନ ମୋହନ ମହାନ୍ତ ଉପସ୍ଥିତ ଥିଲେ ୟ ମହାବିଦ୍ୟାଳୟ ପକ୍ଷ ରୁ ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା ।ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କୃତ କରାଯାଇ ଛି।

## କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ
## ୧୧୭ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ

ଉଦଳା (ମହାଭାରତ ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସଏ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ଏସ୍. ସୁଶ୍ରୀ ଯୋଗଦେଇ ୧୧୭ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୯୪ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ



ଥିବା ସ୍ଥଳେ ୨୩ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୫ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିବାବେଳେ କପ୍ତିପଦା ବ୍ଲକ୍ କୁକୁରଡ଼ିମାର ବୀନତା ବିନ୍ଧାଣୀ, ଉଦଳା ବ୍ଲକ୍ ପାଟପୁରର ଅନିରୁଦ୍ଧ କରଣ ମୋଟ ଦୁଇ ଜଣଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରେ ଉଦଳା ବ୍ଲକ୍ ଜାମୁଘାଟରେ ନିର୍ମିତ ଅସ୍ଥାୟୀ ପୋଲର ତୁରନ୍ତ ମରାମତି, କୋଚିଲାଡ଼ିହା ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘର ସଭାପତି ପରିବର୍ତ୍ତନ, ରଣ୍ଡା ଗ୍ରା:ପ:ର ବେଲ ପୋଖରୀକୁ ଅମୃତ ସରୋବର କରିବା, କୁଣ୍ଡାବାଇ ଠାରେ ଜାହିରା ଜମିକୁ ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର, ଅମ୍ବିକାଦେଇପୁର ସଂରକ୍ଷିତ ଜଙ୍ଗଲରେ ଅନଧିକାର ପ୍ରବେଶ, ନାବରା କଲୋନୀରେ ଥିବା ବିସ୍ଥାପିତ ମାନଙ୍କ ଜମି ଜବରଦଖଲ, ଗୋପବନ୍ଧୁନଗର ବ୍ଲକ୍ର ଅଛଡ଼ା ଉ:ପ୍ରା: ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି, କପ୍ତିପଦା ବ୍ଲକ୍ ନୁଦଡ଼ିହା ଓ ବିଭିନ୍ନ ଗ୍ରାମରେ ଏନ୍,ଆର.ଇ.ଜି.ଏସ୍ କାର୍ଯ୍ୟ ସାରିବା ପରେ ମଧ ପ୍ରାପ୍ୟ ନ ପାଇବା, ଖୁଣ୍ଟା ବ୍ଲକ୍ ବାହାନଡ଼ା ପଞ୍ଚାୟତ ହରିପୁର ଗ୍ରାମର ଗ୍ରାମ ଉନ୍ନୟନ ବିଭାଗର ବିପର୍ଯ୍ୟସ୍ତ ରାସ୍ତା ଉନ୍ନତିକରଣ ଆଦି ଅଭିଯୋଗ ଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ, ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡ଼େପୁଟୀ କଲେକ୍ଟର ପ୍ରତୀକ୍ ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ, ରମେଶ ପୃଷ୍ଟି, ତାପସ ପ୍ରଧାନ, ଉଷାରାଣୀ ବିନ୍ଧାଣୀ, ରଜତ ମଞ୍ଜରୀ ସିଂ, ରାଉତରାୟ ମୁର୍ମୁ, ଶୁଭ୍ରକାନ୍ତ ବେହେରା, ଭବାନୀ ପଣ୍ଡା, ଉଦୟ ନାୟକ, କୈଳାସ ଦନୈକ, ତରୁଣ ମହାପାତ୍ର, ଅଜି ମହାପାତ୍ର, ତପୁ ରଂଜନ ପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ଠାରୁ ପ୍ରକାଶ।

## ଲାଠିକଟା ବ୍ଲକ ପରିସର ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାଉରକେଲା, (ମହାଭାରତ):: ଆଜି ଲାଠିକଟା ବ୍ଲକ ପରିସର ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟୱାନ ମହାଜନ ଓ ରାଉରକେଲା ଡିଆଇଜି ଶ୍ରୀ ବ୍ରିଜେଶ ରାୟ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକ ର ଶୁଣାଣି କରିଥିଲେ। ଆଜି ମୋଟ ୧୨୫ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା ।ସେଥି ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୮୮ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୨୧ ଗୋଟି ଅଭିଯୋଗ ର ତ୍ କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚାରି ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା, ନୂତନ କମ୍ୟୁନିଟି ସେଣ୍ଟର ନିର୍ମାଣ ଦାବି ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଦୁଃଖ ବନ୍ଧୁ ନାୟକ, ପାନପୋଷ ଉପଜିଲ୍ଲାପାଳ ଶ୍ରୀ ବିଜୟ ନାୟକ, ଲାଠିକଟା ଗୋଷ୍ଠି ଉନ୍ନୟନ ଅଧିକାରୀ ମାନସ ସାହୁ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ପାରାଦୀପ ରେ ପୌରପାଳିକା ନେତୃତ୍ୱରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ




ପାରାଦୀପ(ମହାଭାରତ) ସପ୍ତାହ ବ୍ୟାପି ବିଶ୍ୱକର୍ମା ପୂଜା ମହୋତ୍ସବ ପରେ ପାରାଦୀପ ପୌର ପ୍ରଶାସନ ନେତୃତ୍ୱରେ ସମସ୍ତ ପୂଜା ମଣ୍ଡପ ଓ ମୁଖ୍ୟ ରାସ୍ତା ମାନଙ୍କରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସାମୁହିକ ସଫେଇ କାର୍ଯ୍ୟକ୍ରମ ସୋମବାର ସକାଳେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଙ୍କ ସମେତ ପୌରପାଳିକା ର ସମସ୍ତ କର୍ମଚାରୀ ଓ ପାରିଷଦ, ଗ୍ରୀନ ପାରାଦୀପ ଟ୍ରଷ୍ଟ,ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ମନସା ଚରିଟେବୁଲ ଟ୍ରଷ୍ଟ, ପାରାଦୀପ ସାକ୍ଷରତା ସମିତି, କଳିଙ୍ଗ ମହିଳା ଶକ୍ତି, ନୀଳଚକ୍ର ଯୁଥ କ୍ଲବ, ବିବେକାନନ୍ଦ ଯୁଥ କ୍ଲବ,ଜବାହାରଲାଲ ନେହେରୁ ଟ୍ରଷ୍ଟ ସ୍ୱେଚ୍ଛାସେବୀ ସଂଗଠନ ର ସଦସ୍ୟ ଓ ସଦସ୍ୟା ମାନେ ସମସ୍ତ ପୂଜା ମଣ୍ଡପ ଓ ତତସଂଲଗ୍ନ ଅଞ୍ଚଳରେ ସଫେଇ କାର୍ଯ୍ୟ କରିଥିଲେ।

## ଟ୍ରକ ମାଲିକ ସଂଘ ର ନୂତନ କର୍ମକର୍ତ୍ତାଙ୍କ ସ୍ୱାଗତ ସମାରୋହ ଉତ୍ସବ




ରାଜଗାଙ୍ଗପୁର(ମହାଭାରତ): ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ର ନୂତନ କର୍ମକର୍ତ୍ତାଙ୍କ ସ୍ୱାଗତ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ରାଜଗାଙ୍ଗପୁର ବିଧାୟକ ଡ଼ଃ ସିଏସ ରାଜନ ଏକ୍କା , ସମ୍ମାନିତ ଅତିଥି ଭାବରେ ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ ଯୋଗ ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ମାନେ ସର୍ ପ୍ରଥମେ ଶପଥ ଗ୍ରହଣ କରିଥିଲେ। ସଂଘର ନିର୍ବାଚନ ଅଧିକାରୀ ଉପେନ୍ଦ୍ର ପ୍ରଧାନ ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଭାବରେ ଜଗନ୍ନାଥ ଯାଦବ , କାର୍ଯ୍ୟକାରୀ ସଭାପତି ରୂପେ କୂଳଦୀପ ସିଂ, ସାଧାରଣ ସମ୍ପାଦକ ଭାବରେ ରାକେଶ ନନ୍ଦା , ଉପ ସଭାପତି ଭାବରେ ମହମ୍ମଦ ଆବିଦ ,ହର୍ଦିପ ସିଂ ଯୁଗ୍ମ ସମ୍ପାଦକ ରୁପେ ତନବୀର ଆଲମ , ଚନ୍ଦନ ସିଂ କୋଷାଧକ୍ଷ ଭାବରେ ରଣବୀର ସିଂ ଶପଥ ଗ୍ରହଣ କରିଥିଲେ ।ଶପଥପାଠ ପରେ ନୂତନ କର୍ମକର୍ତ୍ତାଙ୍କୁ ଅତିଥି ମାନେ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶପଥ ପାଠ କାର୍ଯ୍ୟକ୍ରମ ପରେ ବୈଠକ ରେ ଟ୍ରକ ମାଲିକ ସଂଘ ର ଉଦ୍ଦେଶ୍ୟ ଓ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଉଲ୍ଲେଖ ଯୋଗ୍ୟ ଯେ ଗତ ୫ ତାରିଖ ରେ ନିର୍ବାଚନ ହେବା ସହ ଉକ୍ତ ଦିନ ଏହାର ଫଳାଫଳ ଘୋଷଣା କରାଯାଇଥିଲା। ଯୁବା ସଭାପତିଙ୍କୁ ପାଇ ଟ୍ରକ ମାଲିକ ସଂଘର ସମସ୍ତ ସଦସ୍ୟ ଘୁରି ଘୁରି ପ୍ରଶଂସା କରିଥିଲେ।

## ପାରାଦୀପ ଆୟୋଜିତ ହେବ ୬୩ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତା

ପାରାଦୀପ (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଫୁଟବଲ ଆସୋସିଏସନ ଓଡିଶା ମିଳିତ ସହଯୋଗରେ ୬୩ତମ ସିନିୟର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ପ୍ରତିଯୋଗିତା 'ସାହାଣୀ କପ' ଚଳିତ ମାସ ସେପ୍ଟେମ୍ବର ୨୫ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ପାରାଦୀପ ସମେତ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଫୁଟବଲ ଜିଲ୍ଲା ର ୮ ଟି ଦଳର ପାଖାପାଖି ୧୮୪ ଜଣ ଖେଳାଳି ଓ ୨୦




ଜଣ ଅଫିସିଆଲ ଓ ଚୟନକର୍ତ୍ତା ଯୋଗଦେବେ । ଜିଲ୍ଲା ଗୁଡିକୁ ୨ ଟି ପୁଲରେ ଅର୍ଥାତ ଗୋଟିଏ ପୁଲରେ ୪ ଗୋଟି ଦଳ ହିସାବରେ ଲିଗ ମ୍ୟାଚ ଖେଳିବେ। ପ୍ରତ୍ୟେକ ପୁଲର ବିଜେତା ଅକ୍ଟୋବର ୨ ତାରିଖ ଦିନ କ୍ୱାଟର ଫାଇନାଲ ଖେଳିବେ ।ପ୍ରତ୍ୟେକ ଦିନ ପ୍ରଥମ ମ୍ୟାଚ ଅପରାହ୍ନ ୩ ଟା ବେଳେ ଓ, ଦ୍ୱିତୀୟ ମ୍ୟାଚ ସନ୍ଧ୍ୟା ୫ ଟାରେ ଫ୍ଲଡ ଲାଇଟ ରେ ଖେଳାଯିବ । ଉଦଘାଟନୀ ଉତ୍ସବ ରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଏବଂ ବନ୍ଦର ଉପାଧକ୍ଷ ନୀଳାଦ୍ରୀ ଦାସଗୁପ୍ତା ଓ ଓଡିଶା ଫୁଟବଲ ଓ ଆଥଲେଟିକ ଆସୋସିଏସନ ର ସମ୍ପାଦକ ଡ଼ଃ. ଆର୍ଶୀବାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସୋମବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ଡି.ଏନ.ସୋଦ୍ଧି ସୂଚନା ଦେଇଥିଲେ ।ତେବେ ସାହାଣୀ କପ ଫୁଟବଲ ପ୍ରତିଯୋଗିତା ଆୟୋଜନ କରିବାର ସୁଯୋଗ ମିଳିଥିବାରୁ ପାରାଦୀପ ବନ୍ଦର ପକ୍ଷରୁ ଓଡିଶା ଫୁଟବଲ ଆସୋସିଏସନ କୁ ଧନ୍ୟବାଦ ଦେବା ସହ ଖୁସିବ୍ୟକ୍ତ କରାଯାଇଥିବା ନେଇ ଶ୍ରୀ ସୋଦ୍ଧି କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ, ବନ୍ଦର ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





# ଅନାସ୍ଥାରେ ବନ୍ଧାପଡ଼ିଛି ଖଣ୍ଡପଡ଼ା ଏନ୍‌ଏସିର ବିକାଶ

ଖଣ୍ଡପଡ଼ା, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାକୁ ଏନ୍‌ଏସି ମାନ୍ୟତା ମିଳିବା ଘଟଣାକୁ ଇତି ମଧ୍ୟରେ ପ୍ରାୟ ୩୫ ବର୍ଷ ବିତିଯାଇଥିବା ବେଳେ ସର୍ବଦା ଚର୍ଚ୍ଚାରେ ରହିଆସିଛି ଏହି ଅ□ଳୟ ୧୯୮୯ ଅଗଷ୍ଟ ୧୪ରେ ଏନ୍‌ଏସି ମାନ୍ୟତା ପାଇଥିବା ଖଣ୍ଡପଡ଼ାରେ ୧୯୯୨ ମସିହାରେ ପ୍ରଥମଥର ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ଅନେକଥର ନିର୍ବାଚନର ସାମ୍ନା କରିଥିବା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଆଜି ଯାଏଁ ରାଜନୈତିକ ଅସ୍ଥିରତା ଦେଖିବାକୁ ମିଳିଛି। ଏନ୍‌ଏସି ମାନ୍ୟତା ପାଇବାର ୩୫ ବର୍ଷ ମଧ୍ୟରେ ଅନେକ ନିର୍ବାଚନ ହୋଇଥିବା ବେଳେ ସବୁବେଳେ ଗୋଛିକଟା ରାଜନୀତି ଯୋଗୁ ସହରର ମୌଳିକ ସମସ୍ୟା ଓ ବିକାଶ ରସାତଳଗାମୀ ହୋଇଥିବା ଆଲୋଚନା ହେଉଛି। ଚଳିତ ଥରକୁ ମିଶାଇ ସହରାଞ୍ଚଳରେ ୩ୟ ଥର ପାଇଁ ଅନାସ୍ଥା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ବର୍ତ୍ତମାନ ପୌରାଧକ୍ଷା ଥିବା ଆରତି ପ୍ରଧାନ ପଦ ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ୨୦୦୩ ମସିହାରେ ବିଜେଡିରୁ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିବା ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କୁ ଅନାସ୍ଥାର ସମ୍ମୁଖୀନ ହେବାକୁ ପଡ଼ିବା ସହ ୨୦୦୫ରେ ମାତ୍ର ୨ ବର୍ଷ ୧୯ ମାସରେ ପଦବି ହରାଇଥିଲେୟ ସମାନ ଭାବେ ୨୦୧୩ରେ ବିଜେଡିରୁ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିବା ଅମିତା କୁମାରୀ ଦାସ ମଧ୍ୟ ଅନାସ୍ଥାର ସମ୍ମୁଖୀନ ହୋଇ ୨୫ ମାସ କାର୍ଯ୍ୟକାଳ ସହ ୨୦୧୫ ମସିହାରେ ପଦବି ହରାଇଥିଲେୟ ତେବେ ପୂର୍ବରୁ କାଉନସିଲର ମାନେ ଅଧକ୍ଷ ଚୟନ କରୁଥିବା ବେଳେ ଚଳିତଥର ଅଧକ୍ଷା ଆରତି ପ୍ରଧାନ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ। ଏଭଳି ସ୍ଥିତିରେ ଅନାସ୍ଥାକୁ ନାପସନ୍ଦ କରିଛନ୍ତି ଶ୍ରୀମତୀ ପ୍ରଧାନଙ୍କ ସମର୍ଥକ ମାତ୍ର ପୌର ଆଇନ ଅନୁଯାୟୀ, ଏବେ ସଂଖ୍ୟାଧିକ କାଉନସିଲର ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବାରୁ ପଦ ହରାଇବାର ସ୍ଥିତି ସୃଷ୍ଟି ହୋଇଛି। ନିର୍ବାଚନ ହେବା ପରଠାରୁ ଜନତା ଦଳ ତଥା ପରବର୍ତ୍ତୀ ସମୟରେ ବିଜେଡି ସର୍ବାଧିକ ସମୟ ଶାସନ କ୍ଷମତା ହାତେଇଥିବା ବେଳେ କଂଗ୍ରେସ ଦଳ ଓ ସ୍ୱାଧୀନ ସଦସ୍ୟ ମଧ୍ୟ ପୌର ଅଧକ୍ଷ ପଦ ହାତେଇଛନ୍ତି। ମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ଦିନଠାରୁ ଥରେ ହେଲେ ମଧ୍ୟ ବିଜେପି ଶାସନ ଅକ୍ତିଆର କରିପାରିନାହିଁ। ଗତ ସାଧାରଣ ନିର୍ବାଚନ ସମୟରେ ସ୍ୱାଧୀନ ଭାବେ ଅଧକ୍ଷା ପଦ ହାତେଇଥିବା ଆରତି ପ୍ରଧାନ ବିଜେପିରେ ସାମିଲ୍ ହୋଇଥିବା ବେଳେ ୨ ମାସ ମଧ୍ୟରେ ଅନାସ୍ଥା ହେବା ଯୋଗୁ ବିଜେପି ବ୍ୟାକୁଟ୍ରେ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ଏଭଳି ବ୍ୟବସ୍ଥା ଦ୍ୱାରା ସହରାଞ୍ଚଳର ବିକାଶ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ବେଳେ ସହରାଞ୍ଚଳ ବାସୀଙ୍କୁ ପରିମଳଠାରୁ ଆରମ୍ଭ କରି ଷ୍ଟ୍ରିଟ୍ ଲାଇଟ୍, ପାର୍କିଂ ବ୍ୟବସ୍ଥା, ଜଳଯୋଗାଣ, ରାସ୍ତା ମରାମତି, ସହରର ପାର୍କିଂ ପରିଚାଳନା ଭଳି ମୌଳିକ ସୁବିଧା ମିଳିପାରୁନଥିବା ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ସହରାଞ୍ଚଳ ବାସୀଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହେଉଥିବା ସ୍ମାର୍ଟ ପାର୍କ, ଆଦର୍ଶ ଶ୍ମଶାନ, ସୁଉଚ୍ଚ ପାଣି ଟାଙ୍କି ତଥା ଏନ୍‌ଏସି କାର୍ଯ୍ୟାଳୟ ଭଳି ପ୍ରକଳ୍ପ ଏବେ ଅଧପନ୍ତରିଆ ଭାବେ ପଡ଼ିରହିଛି। ଉଲ୍ଲେଖଯୋଗ୍ୟ, ୨୦୧୮ରୁ ୨୦୨୨ ପ୍ରାୟ ୪ ବର୍ଷ ଏନ୍‌ଏସିରେ ନିର୍ବାଚିତ ବ୍ୟବସ୍ଥା ନଥିବାରୁ ଅନିୟମିତତା ସହ ବିଶୃଙ୍ଖଳା ଚରମସୀମାରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଏନ୍‌ଏସି ଅଧକ୍ଷା ଆରତି ପ୍ରଧାନଙ୍କ ବିରୋଧରେ ଅନାସ୍ଥା ଭୋଟ୍ ଅନୁଷ୍ଠିତ ହେବା ନେଇ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଏଡିଏମ୍ ତଥା ନିର୍ବାଚନ ଅଧିକାରୀ ଅନୁପସ୍ଥିତ ରହିବା ଯୋଗୁ ଏହା ସ୍ଥଗିତ ରହିଥିଲା। ଆସନ୍ତା ୨୭ ତାରିଖରେ ଏନ୍‌ଏସିରେ ଆସ୍ଥା ଭୋଟ୍ ହେବାକୁ ଯାଉଥିବା ବେଳେ ଫଳାଫଳକୁ ନେଇ ସାରା ଜିଲ୍ଲାରେ ଚର୍ଚ୍ଚା ଲାଗିରହିଥିବା ସୂଚନା ମିଳିଛି।

# ନବ ନିର୍ବାଚିତ ଜିଲ୍ଲା ଓଷ୍ଟାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ



କେନ୍ଦ୍ରାପଡା,(ମହାଭାରତ): ନବ ନିର୍ବାଚିତ ଜିଲ୍ଲା ଓଷ୍ଟାର ସଭାପତି ଅଶୋକ କୁମାର ପରିଡାଙ୍କ ସଭାପତିତ୍ୱରେ ଜିଲ୍ଲା ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତୁରଙ୍ଗ ପଞ୍ଚାୟତସ୍ଥିତ ସିଦ୍ଧ ସେତୁଆ ମହାପୁରୁଷ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ନୂତନ ରୂପେ ଦାୟିତ୍ୱ ଗ୍ରହଣ କରିଥିବା ସମ୍ପାଦକ ଭଗବାନ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉପସ୍ଥିତ ପ୍ରାକ୍ତନ ନେତୃତ୍ୱ ତ୍ରୈଲୋକ ସ୍ୱାଇଁ, କାଳୀ ପ୍ରସାଦ ନାୟକ, ତପନ କୁମାର ସିଂହ, ପ୍ରାକ୍ତନ ସଭାପତି ପ୍ରମୋଦ କୁମାର ବେହେରା, ପ୍ରାକ୍ତନ ସମ୍ପାଦକ ନିର୍ମଳ କୁମାର ନାୟକଙ୍କ ସମେତ ରାଜ୍ୟ ଓଷ୍ଟା ସମ୍ପାଦକ ଶିକ୍ଷକ ନାତା ପ୍ରଣବ କୁମାର ଜେନା, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ରବିନ୍ଦ୍ର କୁମାର ପରିଡା ପ୍ରମୁଖ ନୂତନ ରୂପେ ଜିଲ୍ଲା କାର୍ଯ୍ୟକାରିଣୀରେ ସାମିଲ ହୋଇଥିଲା ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ଓଷ୍ଟାର ସାମ୍ବିଧାନିକ ବିଧି ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ରାଜ୍ୟରେ କେନ୍ଦ୍ରାପଡା ଜିଲ୍ଲା ଓଷ୍ଟାର ସ୍ୱାଭିମାନ ଓ ଐତିହ୍ୟକୁ ପୂର୍ବପରି ଅକ୍ଷୁର୍ଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ୯ଟି ବ୍ଲକର ସଭାପତି, ସମ୍ପାଦକ, ଜିଲ୍ଲା କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ/ସଦସ୍ୟା ଆଲୋଚନାରେ ଅଂଶ ଗ୍ରହଣ କରି ଜିଲ୍ଲାକୁ ରାଜ୍ୟରେ ୧ ନମ୍ବର ସାଙ୍ଗଠନିକ ଜିଲ୍ଲା ରୂପେ ପ୍ରତିପାଦନ କରିବା ପାଇଁ ସୁଚିନ୍ତିତ ମତାମତ ବ୍ୟକ୍ତ କରିବା ସହ ଅଧିକ ସଂଖ୍ୟକ ସଭ୍ୟ ଦେୟ ସଂଗ୍ରହ ଓ ନଭେମ୍ବର ୨୪ ତାରିଖରେ ହେବାକୁ ଥିବା ଓଷ୍ଟା ମେଧାବୃତ୍ତି ଅନ୍ୱେଷଣ ପରୀକ୍ଷା(ଓଟିଏସ୍ଇ)ରେ ଜିଲ୍ଲାର ପ୍ରତ୍ୟେକ ମାଧ୍ୟମିକ ବିଦ୍ୟାଳୟରୁ ଅଧିକ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପଞ୍ଜିକରଣ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ଜିଲ୍ଲା ଉପସଭାପତି ସଞ୍ଜୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତୀ ଉପଦ୍ରବ ରେ ମାଟୁପାଲ

ପାଟଣାଗଡ଼ ( ମହାଭାରତ ) ଦିନକୁ ଦିନ ବୃଦ୍ଧି ପାଉଛି ହାତୀ ଉପଦ୍ରବ କିଛି ଦିନ ତଳେ ପାଟଣାଗଡ଼ ରେଞ୍ଜ ପାଟଣାଗଡ ଉପଖଣ୍ଡ ଆମଦର୍ହ,ଦହ୍ରାବାହାଲ , ସେମେଲମୁଣ୍ଡା ଗ୍ରାମର ଜଣେ ଚାଷୀ ଙ୍କ ବହୁ କପା , ଧାନ ଚାଷ ନଷ୍ଟ କରିଥିବା ବେଳେ ଆଜି ପୁଣୀ ଏକ ହାତୀ ପଲ ଆସି ବହୁ ଚାଷ ନଷ୍ଟ କରିଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ପାଟଣାଗଡ଼ ରେଞ୍ଜ ପାଖ ଜଙ୍ଗଲ କିରିବାଞ୍ଜି ଜଙ୍ଗଲ ଆଡୁ ବହୁ ହାତୀ ପଲ ଆସି ପାଟଣାଗଡ଼ ରେଞ୍ଜ ମାଟୁପାଲି ଗ୍ରାମ ର ଦିନବନ୍ଧୁ ସଲତର ୧୦ ଏକର ଜମିର କପା ଚାଷ , କୁଶ ଫୁଟା ଙ୍କ ୩ ଏକର ଧାନ ୪ ଏକର କପା , କେଶବ ପୁଟା ଙ୍କ ୫ ଏକର କପା ଶହ ୩ ଏକର ଧାନ , ଚିନ୍ତାମଣି ଧରୁଆ ଙ୍କ ୪ ଏକର କପା , ଶାନ୍ତି ଧରୁଆ ୫ ଏକର କପା ଚାଷ ନଷ୍ଟ କରିଥିବାର ଦେଖିବାକୁ ମିଳିଛି । ଏଥିରେ ବ୍ୟାପକ ବିଭିନ୍ନ ପ୍ରକାରର ଚାଷ ତଥା ଧାନ , କପା ଇତ୍ୟାଦି ଫସଲ ନଷ୍ଟ ହୋଇଥିବା ବେଳେ ଚାଷି ଚାଷର କ୍ଷୟକ୍ଷତି ହୋଇଥିବା କ୍ଷତି ପୂରଣ ଆଶାରେ ରହିଛନ୍ତ। ଫରେଷ୍ଟର ଙ୍କ ସମେତ ବିଭାଗର ବନ କର୍ମଚାରି ମାନେ ପହଞ୍ଚି ହାତୀ ପଲକୁ ଘୋଉଡାଇ ଚାଷି ଙ୍କ କ୍ଷୟକ୍ଷତି ହୋଇଥିବା ଚାଷ ଜମି ଗୁଡ଼ିକୁ ଅନୁଧ୍ୟାନ କରି ଚାଷିଙ୍କ ସହ ଆଲୋଚନା କରିଛନ୍ତି।

# ସେବା ସପ୍ତାହରେ ୭୫ ୟୁନିଟ ରକ୍ତ ସଂଗ୍ରହ

ପାରାଦୀପ(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ୭୫ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଚାଲିଥିବା ସେବା ସପ୍ତାହ ପରିପ୍ରେକ୍ଷୀରେ ବିଜେପି ପାରାଦୀପ ମଣ୍ଡଳ ପକ୍ଷରୁ ନୂଆବଜାର ନିକଟସ୍ଥ ବିଜେପି କାର୍ଯ୍ୟାଳୟ ପରିସରରେ ରବିବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ।ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ ଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବିଜେପି ନେତା ସୋଲମାନ ରାଜୁ, ବଜରଙ୍ଗ ସ୍ୱାଇଁ, ଅର୍ଜିଲା ଶିବା, ସର୍ବେଶ୍ୱର ଜେନା, ଦିଲୀପ ବେହେରା, ଦିଲୀପ ବଳିୟାରସିଂ,ରଞ୍ଜନ ବେହେରା, ଜିତେନ୍ଦ୍ର ସାହୁ, କ୍ରିଷ୍ଣା ଜେନା, ହୃଷିକେଶ ଦାସ, ଯୀଶୁଖ୍ରୀଷ୍ଟ ପ୍ରଧାନ, ପ୍ରଶାନ୍ତ ସ୍ୱାଇଁ, ପ୍ରଦୀପ ମଲିକ, ପୃଥ୍ୱୀରାଜ ପରିଡା, ଲିପା ଦାସ. ପ୍ରିୟ ବେହେରା, କେଦାର ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ରକ୍ତଦାନ ଶିବିର ପରିଚାଳନାରେ ସହାୟତା କରିଥିଲେ । ମୋଦୀଙ୍କ ୭୫ତମ ଜୟନ୍ତୀ କୁ ଦୃଷ୍ଟିରେ ରଖି ପାରାଦୀପ ବିଜେପି ପକ୍ଷରୁ ଆୟୋଜିତ ଏବଂ ଜଗତସିଂହପୁର ଜିଲ୍ଲା ରେଡକ୍ରସ ସୋସାଇଟି ସହାୟତାରେ ଏହି ଶିବିରରୁ ସର୍ବମୋଟ ୭୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ତେବେ ରକ୍ତ ସଂଗ୍ରହ ଲକ୍ଷ୍ୟ ପୂରଣ ପରେ ଉତ୍ସାହର ସହ ରକ୍ତଦାନ କରିବାକୁ ଆସିଥିବା ବହୁ ଯୁବ କର୍ମୀ ଫେରିଯାଇଥିଲେ।

# ସମାଜ ସେବୀ କୋକିଳ ମେହେର ପରଲୋକ

ବଲାଙ୍ଗୀର(ମହାଭାରତ): ବଲାଙ୍ଗୀର ଜିଲ୍ଲା ସଇଁନ୍ତଳା ବ୍ଲକ କନ୍ଧକେଳ ଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଲିଆ ଦର୍ହ ଗ୍ରାମ ସମାଜସେବୀ ଶ୍ରୀ କୋକିଳ ମେହେର ଙ୍କ ବରଗଡ ବିକାଶ ଚିକିତ୍ସାଳୟ ରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ସମୟ ରେ ତାଙ୍କୁ ଚଉସ୍ତରି ବର୍ଷ ହେଉଥିବା ବେଳେ ସେ ଜଣେ ମିଷ୍ଟା ଭାସୀ ପରୋଉପକାରି ଏବଂ ଜଣେ ବହୁ ପରିଶ୍ରମି ବ୍ୟକ୍ତି ଥିଲେ। ତାଙ୍କ ନିଜ ଗ୍ରାମ ଜଲିଆ ଦର୍ହ ନଦୀରେ ଶେଷକୃତ ସମ୍ପୂର୍ଣ୍ଣ କରାଯାଇ ଥିବା ବେଳେ ତାଙ୍କ ବଡ ପୁଅ ବସନ୍ତ ମେହେର ମୁଖାଗ୍ନି ଦେଇ ଥିଲେ। ଉକ୍ତ କାର୍ଯ୍ୟ ସମୟ ରେ ତାଙ୍କ ଝିଅ ବାସନ୍ତି ମେହେର , ପୁଅ ଶୁଶାନ୍ତ ମେହେର ଓ ଭାଇ ବନ୍ଧୁ ପରିଜନ ସମସ୍ତେ ଉପସ୍ଥିତ ଥିଲେ।

# ଗଜପତି: ଯକ୍ଷ୍ମା ପ୍ରତିଷେଧକ ବି:ସି:ଜି: ଟୀକାକରଣର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ



ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତିକାଳୀନ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମିଳନୀ କକ୍ଷ ଠାରେ ଆଜି ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ବି:ସି:ଜି: ଟୀକାକରଣର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାଃ ଏମ: ମୁବାରକା ଅଲ୍ଲୀ ଅଧକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହି ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତି ମାନଙ୍କ ସମେତ ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ଚିହ୍ନଟ ଓ କେତେକ ନିର୍ଦ୍ଧିଷ୍ଟ ଯୋଗ୍ୟ ବ୍ୟକ୍ତି ଏହି ପ୍ରତିଷେଧକ ଟିକା ନେଇ ପାରିବେ ବୋଲି ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଜୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୂର୍ବରୁ ବି:ସି:ଜି: ଟିକା କେବଳ ଜନ୍ମିତ ଶିଶୁ ମାନଙ୍କୁ ଦିଆ ଯାଉଥିଲା , ତେବେ ଦେଶର ଜସଶ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧିନରେ ଭାରତ ଆସନ୍ତା ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାମୁକ୍ତ ରାଷ୍ଟ୍ର ଗଠନ ପାଇଁ ସଂକଳ୍ପ ନେଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମରେ ପ୍ରାପ୍ତ ବୟସ୍କ ମାନଙ୍କୁ ଏଣିକି ଯକ୍ଷ୍ମା ନିରୋଧି ବି:ସି:ଜି: ଟିକା ଦେବାକୁ ନିଷ୍ପତ୍ତି ନିଆଯାଇଛି ।ତେଣୁ କରି ଯକ୍ଷ୍ମାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ଡି:ଏମ:ଓ: ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡ଼ାଃ ପ୍ରମୋଦ କୁମାର ପଣ୍ଡା ଏବଂ ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ଼ାଃ ରବି ନାରାୟଣ ଦାସ ମଞ୍ଚାସିନ ଅତିଥି ଭାବେ ଯୋଗଦେଇ ୧୮ ବର୍ଷ ବୟସରୁ ଅଧିକ ବୟସର ବ୍ୟକ୍ତି ମାନେ ଯକ୍ଷ୍ମା ରୋଗର ନିରାକରଣ ପାଇଁ ବି:ସି:ଜି: ଟିକା ନେବା ସହ ଏଥିରେ ପୂର୍ବରୁ ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସୁଥିବା ଲୋକ ଏବଂ ୬୦ ବର୍ଷ ବୟସରୁ ଅଧିକ ବୟସର ଲୋକ , ଅପପୁଷ୍ଟିର ଶିକାର ହେଉଥିବା ବ୍ୟକ୍ତି , ଧୁମ୍ରପାନ ଓ ମଧୁମେହ ରୋଗାକ୍ରାନ୍ତ ଲୋକଙ୍କୁ ଏହି ବି:ସି:ଜି: ଟିକା ଦିଆହେବ। ଗଜପତି ଜିଲ୍ଲାରେ ମୋଟ ୭୦ ହଜାର ୭୯୧ ଜଣ ବୟସ୍କ ବ୍ୟକ୍ତି ଏହି ଯକ୍ଷ୍ମା ପ୍ରତିଷେଧକ ବି:ସି:ଜି: ଟୀକାକରଣ ପାଇଁ ଚିହ୍ନଟ ପ୍ରକାରେ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଏଥିପାଇଁ ଜିଲ୍ଲାର ସମସ୍ତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର , ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାନଙ୍କରେ ଏହି ଟୀକାକରଣ କାର୍ଯ୍ୟକ୍ରମ ଉପଲବ୍ଧ ହେଉଥିବା ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କ।ର୍ଯ୍ୟକ୍ରମରେ ଏଡିପିଏଚଓ:(ଏଫ:ଡବ୍ଲ୍ୟୁ) ଡ଼ାଃ ମହେନ୍ଦ୍ର କୁମାର ଭୂୟାଁ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ଡିପିଏମ: ସୌମ୍ୟା ରାଣୀ ଗୌଡ ପ୍ରମୁଖ ମଞ୍ଚାସିନ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ଏଡିପିଏଚସିଓ: ଶ୍ରୀମତୀ ନୟନା ମଲ୍ଲିକ ଏବଂ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିଚାଳିକା ସୁପ୍ରିୟା ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ଆଉଟ ସୋର୍ସିଂ ସୁପରଭାଇଜର ମାନେ ସହଯୋଗ କରିଥିଲେ।

# କଲ୍ୟାଣସିଂପୁର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ର।ୟ ଗ ଡ / କଲ୍ୟାଣସିଂପୁର(ମହାଭାରତ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣ ସିଂପୁର ବ୍ଲକ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧକ୍ଷତକ୍ଷରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ,ଆରକ୍ଷୀ ଅଧିକ୍ଷକ, ଶ୍ରୀ ହରିଶା ବି. ସି, ଖଣ୍ଡିୟ ବନ ଅଧିକାରୀ, ଶ୍ରୀ ସଚିନ ଆୱା ସାହେବ ଓହଲେ, ମୁଖ୍ୟ ଉଉୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ,ଜିଲ୍ଲାପରିଷଦ, ଶ୍ରୀ ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ, ପଞ୍ଚାୟତ ସମିତି ଅଧାକ୍ଷା,ଶ୍ରୀମତୀ ଅମ୍ରିତା କଦ୍ରାକା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୩୧୮ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୨୭୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ୩୮ଟି ଥିଲା । ଜିଲ୍ଲାପାଳ ଦୁଇ ଜଣକୁ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ଅର୍ଥ ପ୍ରଦାନ କରିଥିଲେ । ଏହାସହିତ ଓଡିଶା ଜୀବିକା ମିଶନ ମିଶନ ସ୍ୱୟଂ ସହାୟକ ଆର୍ଥିକ ଶୟତା ପ୍ରଦାନ କରିଥିଲେ କ୍ଷଏହି ଅଭିଯୋଗ ଶିବିରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଭଜନଲକ୍ଷଳ ମାଝୀ,ରାୟଗଡ, ରାୟଗଡ ପିଡି ଓ୍ୱାଟରସେଡ ଡ଼ଃ ଦୟାନିଧି ବାଘ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ ,ଜିଲ୍ଲା କୃଷି ଅଧିକାରୀ ସୁମନସିଂ ପଟ୍ଟନାୟକ, ବିଡ଼ିଓ କଲ୍ୟାଣ ସିଂପୁର ମନୀଷା ଦାଶ, ତହସିଲଦାର କଲ୍ୟାଣ ସିଂପୁର ରଞ୍ଜନ ମନସେଠ,ସହକାରୀ ଯନ୍ତ୍ରୀ ରାସ୍ତା ଓ ଗୃହ, ଗ୍ରାମ୍ୟ ଜଳଯୋଗାଣ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିଶୁ ସୁରକ୍ଷା ଅଧିକାରୀ,ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ,ଉପଖଣ୍ଡ ଯୋଗାଣ ଅଧିକାରୀ, ଶ୍ରୀ ସୁହାସ ଭୋଇ, ଜିଲ୍ଲା ପଂଚାୟତ ଅଧିକାରୀ, ଶ୍ରୀ ସୂର୍ଯ୍ୟନାରାୟଣ ମହାରଣା,ଜିଲ୍ଲା ଦକ୍ଷତାବିକାଶ ଓ ନୟୋଜନ ଅଧିକାରୀ ଶ୍ରୀ ତ□ମୋସୀ ମହାପାତ୍ର,ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଚିନ୍ମୟ ମହାନନ୍ଦ,ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ,ଜିଲ୍ଲା ଅବରୀ ଅଧିକ୍ଷକ, ଶ୍ରୀ ସୁଶାନ୍ତ ଧଳସାମନ୍ତ,ନିର୍ବାହୀ ଯନ୍ତ୍ରୀ,ମାଧ୍ୟମ ଜଳସେଚନ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ଦୟାନିଧି ରାଉତ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ,ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଗୋପାଳ ମଙ୍ଗରାଜ,କଲ୍ୟାଣ ସିଂପୁର ଥାନା ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଯୋଡା ବ୍ଲକ ରେ ମିଳିତ ଅଭିଯୋଗ ଶୁଣାଣି

ଯୋଡା,(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ରେ ସୋମବାର ଏକ ମିଳିତ ଅଭିଯୋଗ ଶୁଣାଣି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ କେନ୍ଦୁଝର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଅନୁପସ୍ଥିତିରେ ଉପସ୍ଥିତ ଉଚ୍ଚ ପ୍ରଶାସନିକ ଅଧିକାରୀ ମାନେ ପ୍ରାୟ ୨୪୫ଟି ବିଭିନ୍ନ ଅଭିଯୋଗ ର ଶୁଣାଣି କରିଥିଲେ।ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅୟତକୁ କୁଜୁର,ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଆଲୋକ ପ୍ରଧାନ,ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା,ମୁଖ୍ୟ ଉଉୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି,ଯୋଡା ବିଡ଼ିଓ ଅରୁଣିମା ସାହୁ,ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।ଏହି ଶୁଣାଣିରେ ପ୍ରାୟତଃ ବିଦ୍ୟୁ ଆଲୋକ, ନୂଆ ଅଙ୍ଗନୱାଡ଼ି ନିର୍ମାଣ,ଟ୍ରାଫିକ ସମସ୍ୟା,ରାସ୍ତା ନିର୍ମାଣ,ପାନୀୟ ଜଳ ସମସ୍ୟା,ସ୍କୁଲ ଓ ପାଚେରୀ ନିର୍ମାଣ ପ୍ରଭୃତି ସମସ୍ୟା ଉପରେ ଅଭିଯୋଗ ହୋଇଥିଲା ।ମୁଖ୍ୟ ସମସ୍ୟା ମଧ୍ୟରେ ଠାକୁରାଣୀ ରୁ କାରା ଖେଣ୍ଡର। ନିମ୍ନ ମାନର ର ରାସ୍ତା ନିର୍ମାଣ, କଣ୍ଡରୟ ସରପଞ୍ଚ ରିନା ନାଏକ ଅଭିଯୋଗ କରିଛନ୍ତି ଯେ,୫୨୦ ନଂ ଜାତୀୟ ରାଜପଥ ନିର୍ମାଣ ହେବା ପରେ କଣ୍ଡର। ଗ୍ରାମବାସୀ ଗୋଟିଏ ପାର୍ଶ୍ୱରେ ରହିଥିବା ବେଳେ ଅନ୍ୟ ପାର୍ଶ୍ୱରେ ସ୍କୁଲ ,ଅଙ୍ଗନୱାଡ଼ି ,ସାପ୍ତାହିକ ହାଟ,ଜଙ୍ଗଲ ରହିଥିବାରୁ ଲୋକେ ରାସ୍ତା ପୟରି ହେବ। ସମୟରେ ଦୁର୍ଘଟଣା ଘଟୁଥିବାରୁ କଣ୍ଡରା ଛକ ଠାରେ ଏକ ଓଭର ବ୍ରିଜ ନିର୍ମାଣ ଦାବି କରିଛନ୍ତି । ଜୁରୁଡ଼ି ହାଟ ଛକ ଠାରୁ କ୍ରେଟ୍ ହଟିଙ୍ଗ ପର୍ଯ୍ୟନ୍ତ ଓ ଏମ ସି ଜିଲିଙ୍ଗ ଖଣି ର ଲୋଡିଂ ଓ ପରିବହନ ଯୋଗୁଁ ଟ୍ରାଫିକ ସମସ୍ୟା ଉପୁଜିଛି ।ଏଣୁ ଏହି ରାସ୍ତା ର ସମ୍ପ୍ରସାରଣ କିମ୍ବା ଜରିବାହାଲ ଠାରୁ କ୍ରେଟ୍ ହାଟିଙ୍ଗ ପର୍ଯ୍ୟନ୍ତ ଫ୍ଲାଏ ଓଭର ନିର୍ମାଣ ର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ଜୁରୁଡି ଓ ଜରିବାହାଲ ଅଞ୍ଚଳ ବାସୀ । ବଡ କାଳିମାଟି ଗ୍ରାମପଞ୍ଚାୟତ ର ଅଞ୍ଚେଦ ବେଢ଼ୟସାହିର ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ,ଏହି ସାହି କୁ ଲାଗି ଦେବ ବ୍ରତ ଖଣି କମ୍ପାନୀ ଦୀର୍ଘ ୩ବର୍ଷ ହେବ ଖଣି କାର୍ଯ୍ୟ କରି ଆସୁଅଛି।

# ଅସ୍ତରଙ୍ଗ ପୋଲିସ କବ୍ଜାରେ ଅମାନିଆ ଡିଯେ ଭ୍ୟାନ୍

ଅସ୍ତରଙ୍ଗ,(ମହାଭାରତ): ଅସ୍ତରଙ୍ଗ ପୋଲିସ କବ୍ଜା ରେ ଅମାନିଆ ଡିଯେ ଗାଡ଼ି, ସରକାର ଶବ୍ଦ ପ୍ରଦୂଷଣ ରୋକ ଲଗାଇବା ପାଇଁ ବର୍ତ୍ତମାନ ପାର୍ବଣ ସମୟ ରେ ଡିଜେ ଗାଡ଼ି କୁ ବାରଣ କରିଛନ୍ତି,କିନ୍ତୁ ଅନେକ ସମୟ ରେ ଏବେ କିଛି ଅମାନିଆ ଡିଜେ ମାଲିକ ମାନେ ଏବେ ଲୁଚେଇ କି ଦୁମଦୁମ ସାଉଣ୍ଡ ରେ କରୁଛନ୍ତି ରୋଷଣୀ, ଏହି ଡିଜେ ପ୍ରଭାବ ରେ ଅନେକ ଲୋକ ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଜଟିଳ ହେବା ମଧ୍ୟ ନଜିର ରହିଥିବା ବେଳେ କେହି ବି ସରକାର ଙ୍କ ଗାଇଡ଼ଲାଇନ କୁ ମାନୁନାହାନ୍ତି,ଏବେ ଗଜାନନ ଙ୍କ ପୂଜା ଭଷାଣି ଆରମ୍ଭ ହୋଇଛି। ଏହାକୁ ନେଇ ଅସ୍ତରଙ୍ଗ ପୋଲିସ ର ସ୍ୱତନ୍ତ୍ର ଟିମ୍ ଏବେ ଅଞ୍ଚଳ ରେ ପାଇଁତରା ମାରୁଛି ଏହି ଅମାନିଆ ଡିଜେ ଗାଡ଼ି କୁ ଧରିବା ପାଇଁ, ସୋମବାର ଦିନ ରାତ୍ର ରେ ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଉଦୟପୁର ରୁ ଏକ ଗଣେଷ ପୂଜା ଭଷାଣି ରେ ଅପ୍ସରା ପ୍ରାଚୀ ତଟ କୁ ଯାଉଥିବା ଏକ ଡିଜେ ଗାଡ଼ି କୁ ପୋଲିସ ଅଟକ ରଖି ତାହାକୁ ଥାନା କୁ ଆଣିଥିଲା, ଯେଉଁ ଡିଜେ ଗାଡ଼ି ରେ କୌଣସି ସଠିକ କାଗଜପତ୍ର ଯାଞ୍ଚରୁ ପାଇନଥିଲା ଅସ୍ତରଙ୍ଗ ପୋଲିସ, କେବଳ ଗାଡ଼ି ରେ ଲେଖା ଥିଲା ମା ଝାରୀ କୁଆଁ ଦେଇ କଳିଙ୍ଗ ଭି-୨, ଗାଡ଼ି ନମ୍ବର (ଓଆର ୦୨ ଏ ଏମ ୦୮୯୪) କିନ୍ତୁ ଯାଞ୍ଚରୁ ମିଳୁନି ଗାଡ଼ି ର କାଗଜପତ୍ର , ଏହି ବାବଦରେ ଅସ୍ତରଙ୍ଗ ପୋଲିସ ଏତଲା ବିହୀନ ୯୮/୨୪ ରେ ଏକ ମାମଲା ରୁଜୁ କରି ଗାଡ଼ି ଟିକୁ ସମ୍ପୂର୍ଣ୍ଣ ରୂପେ ସିଜ୍ କରିଛି, ଯାହାକୁ ନେଇ ଅସ୍ତରଙ୍ଗ ପୋଲିସ ଅଧିକାରୀ ରାଜେଶ ବଳିୟାର ସିଂ ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି ।

# ହିନ୍ଦୋଳ ରାଜରାସ୍ତା ସାଜିଛି ବୁଲା ଗାଈଗୋରୁଙ୍କ ପେଣ୍ଟସ୍ଥଳୀ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ମୁଖ୍ୟ ରାଜରାସ୍ତା ପାଲଟିଛି ମରଣଯନ୍ତା ।ହିନ୍ଦୋଳ ଏନ ଏ ସି ର ମୁଖ୍ୟ ରାସ୍ତା ସାରା, ସମସ୍ତ ବଜାର, ଛକ, ଗଳି ରାସ୍ତା ଉପରେ ସବୁଠି ପୋଷା ଗାଈଗୋରୁ ଭିଡ଼ ଜମେଇ ରହୁଛନ୍ତି ।ହିନ୍ଦୋଳ ଏନଏସିର ଆଦର୍ଶସ୍କୁଲ ସାମ୍ନା,ଭେଟନାରୀ ଛକ, ବସଷ୍ଟ।ଣ୍ଡ ଛକ,ଲକ୍ଷ୍ମୀବଜାର,ଥାନାଛକ,ମେଡିକାଲ ଛକ, ବଡଦାଣ୍ଡ, ହାଟ ଛକ, ନୂତନପଟଣା, ଧୁଳିଆମୁଣ୍ଡା, କାନ୍ଦରାଶୁଣି ଛକ, ଧୁନ୍ଦିନାଳୀ ଛକ,ସରଧାପୁର, ଚିଡ଼ିଆଖାନା ଛକ, ରାମମନ୍ଦିର ଛକ, ବ୍ଲକ ଓ



ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନା ଯେଉଁଠିବି ଦେଖ ଶହଶହ ଗାଈଗୋରୁ ଦିନରାତି ୨୪ଘ□। ମୁଖ୍ୟରାସ୍ତା ସବୁ ଅବରୋଧ କରି ରହୁଛନ୍ତି। ଜନସାଧାରଣ ନିଜର ଗୁହାଳ ନକରି ଗାଈଗୋରୁ ମାନଙ୍କୁ ରାଜରାସ୍ତାରେ ଛାଡି ଦେବା ଫଳରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟି ପଥଚାରି ମୃତାହତ ହେଉଛନ୍ତି। ଢେଙ୍କାନାଳ-ଅନୁଗୋଳ-ନରସିଂହପୁର ରୁ ହିନ୍ଦୋଳକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତା ଦେଇ ଦୈନିକ ଶହଶହ ସଂଖ୍ୟାରେ ଚାରିଚକିଆ, ଦୁଇ ଚକିଆ, ସାଇକେଲ ଓ ହଜାର ହଜାର ପଥଚାରି ବିପଦପୂର୍ଣ୍ଣ ଭାବରେ ଗମନା ଗମନ କରୁଥିବା ବେଳେ ଦୈନିକ ବହୁ ଅଫିସର,କର୍ମଚାରୀ,ନେତା,ବିଧାୟକ, ସାଂସଦ,ମନ୍ତ୍ରୀ, ଉଚ୍ଚପଦାଧିକାରୀ,ମଧ୍ୟ ଯାତାୟତ କରନ୍ତି କିନ୍ତୁ ଗାଈଗୋରୁ ସମସ୍ୟାକୁ ଆଖିବୁଜି ଦିଅନ୍ତି। ଦୈନନ୍ଦିନ ଛୋଟବଡ଼ ବହୁ ଦୁର୍ଘଟଣା ଘଟି ଅନେକ ମୃତାହତ ହେଉଥିବା ବେଳେ ଦୈନିକ ଯାତାୟତ ପାଇଁ ମଧ୍ୟ ଜନସାଧାରଣ ଭୟ କରୁଛନ୍ତି। କୋଭିଡ ସମୟରେ ଏନଏସି କର୍ତ୍ତୃପକ୍ଷ ଏଥିପାଇଁ ପଦକ୍ଷେପ ନେଇ ଏକ ଅସ୍ଥାୟୀ ବ୍ୟବସ୍ଥା ଷ୍ଟାଡିୟମ ନିକଟରେ କରିଥିଲେ ମଧ୍ୟ କିଛି ବ୍ୟକ୍ତିଙ୍କ ବିରୋଧ ସହିତ ଅଧିକାରୀ ଓ ପରିଷଦ ବଦଳିଲା ପରେ ଗାଈଗୋରୁ ସମସ୍ୟା କୁ ଅଣଦେଖା କରାଯାଇଛି। ଲକ୍ଷଲକ୍ଷ ଟଙ୍କାରେ ଅସ୍ଥାୟୀ ଭାବରେ ନିର୍ମାଣ କରାଯାଇଥିବା କାଞ୍ଜିଆହୁଦା ରକ୍ଷଣବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଫଳରେ ସହରରେ ଜନଅସନ୍ତୋଷ ଦିନକୁଦିନ ବୃଦ୍ଧି ପାଇବାରେ ଲାଗୁଛି। ହିନ୍ଦୋଳ ଏନଏସିରେ ଏହି ମୁଖ୍ୟ ସମସ୍ୟା ପାଇଁ ବାରମ୍ବାର ଅଭିଯୋଗ ସତ୍ୱେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ।ଏନେଇ ଲିଖିତ ଭାବରେ ଅବଗତ ମଧ୍ୟ କରାଇଯାଉଚି ବାରମ୍ବାର ମାତ୍ର କାର୍ଯ୍ୟାନୁଷ୍ଠାନ ଶୂନ।ତେବେ ଦେଖିବାକୁ ବାକି ରହିଲା ହିନ୍ଦୋଳ ଏନଏସି ରାଜରାସ୍ତାରୁ କେବେ ହଟୁଛନ୍ତି ଗାଈଗୋରୁ। ତେବେ ଆଗକୁ ଗାଈଗୋରୁ ସମସ୍ୟା ସମାଧାନ ନହେଲେ ଏନଏସି ଜନସାଧାରଣ ରାଜରାସ୍ତାକୁ ଉଲହାଇବେ ବୋଲି କହିଛନ୍ତି।

# ମାଛ ରପ୍ତାନୀ ପ୍ରତିବନ୍ଧକ ଉଠାଇଲେ ବାଂଲାଦେଶ ସରକାର

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ବାଂଲାଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପିଆଜ, ଆଳୁ, ଅଣ୍ଡା ପଠାଇବା ପରେ ଭାରତକୁ ଇଲିସି ମାଛ ରପ୍ତାନୀ ଉପରେ ମହମ୍ମଦ ୟୁନୁସଙ୍କ ସରକାର କଟକଣା ଉଠାଇଛନ୍ତି। ବାଂଲାଦେଶର ଅନ୍ତରୀଣ ସରକାର ହିନ୍ଦୁ ତଥା ବଙ୍ଗାଳୀଙ୍କ ବଡ଼ ପର୍ବ ଦୁର୍ଗାପୂଜା ପୂର୍ବରୁ ଇଲିସି କୂଟନୀତି ଅର୍ନ୍ତଗତ ଇଲିସି ମାଛ ରପ୍ତାନୀ ଉପରୁ ପ୍ରତିବନ୍ଧକ ଉଠାଇ ଦେଇଛନ୍ତି। ଏନେଇ ଅଧିକାରୀମାନେ ସୂଚନା ଦେଇଛନ୍ତି। ଭାରତକୁ ୩ ହଜାର ମେଟ୍ରିକ ଟନ୍ ଇଲିସି ମାଛ ରପ୍ତାନୀ ପାଇଁ ୟୁନୁସ ସରକାର ମଞ୍ଜୁରୀ ଦେଇଛନ୍ତି।



ମହମ୍ମଦ ୟୁନୁସ ସରକାର ଚଳିତ ବର୍ଷ ଘରୋଇ ବଜାରରେ କାରବାର ବଢେଇବା ପାଇଁ ଭାରତକୁ ଇଲିସି ମାଛ ରପ୍ତାନୀ ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଦୁର୍ଗାପୂଜା ସହିତ ଅନ୍ୟ ପର୍ବପର୍ବାଣୀରେ ଭାରତର ପୂର୍ବାଞ୍ଚଳ ରାଜ୍ୟରେ ଇଲିସି ମାଛର ଚାହିଦା ବଢ଼ିଥାଏ। ବାଂଲାଦେଶର ବାଣିଜ୍ୟ ମନ୍ତ୍ରଣାଳୟର ସୂଚନାନୁସାରେ, ଆଗାମୀ ଦୁର୍ଗାପୂଜା ଅବସରରେ ୩ ହଜାର ମେଟ୍ରିକ ଟନ୍ ଇଲିସି ମାଛ ରପ୍ତାନୀକୁ ମଞ୍ଜୁର ଦିଆଯାଇଛି। ଫଳରେ ପଦ୍ମ ନଦୀର ଇଲିସି ପାଇଁ ଭାରତୀୟଙ୍କ ଅପେକ୍ଷା ଶେଷ ହେବାକୁ ଯାଉଛି । ବାଂଲାଦେଶ ସରକାର ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିସାରିଛନ୍ତି। ଭାରତକୁ ଇଲିସି ମାଛ ରପ୍ତାନି ପାଇଁ ବାଂଲାଦେଶ ପାଇଁ ଆବେଦନ କରିବାର ଏକ ସମୟସୀମା ଧାର୍ଯ୍ୟ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ରପ୍ତାନିକାରୀମାନଙ୍କୁ ସେପ୍ଟେମ୍ବର ୨୪ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆବେଦନ ଫର୍ମ ଦାଖଲ କରିବାକୁ କୁହାଯାଇଛି।ଡେପୁଟି ସେକ୍ରେଟାରୀ, ରପ୍ତାନି-୨ ଶାଖା, ରୁମ ୧୨୭, ବିଲଡିଂ-୩, ବାଂଲାଦେଶ ସଚିବାଳୟ, ଢାକାକୁ ଆବେଦନ ପଠାଯିବା ଉଚିତ୍ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସମୟସୀମା ପରେ କେଣସି ଆବେଦନ ଗ୍ରହଣ କରାଯିବ ନାହିଁ।

## ଆତଙ୍କବାଦ ଶେଷ ଯାଏ ପାକିସ୍ତାନ ସହ କୌଣସି ଆଲୋଚନା ହେବନି: ଶାହ

ନୌଶେରା, ୨୩।୯ (ଏଜେନ୍ସି): ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହ ଆତଙ୍କବାଦ ଉପରେ କଠୋର ଆଭିମୁଖ୍ୟ ପୋଷଣ କରି କହିଛନ୍ତି ଯେ, ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ହୁଅନ୍ତୁ କି ପଥର ଫିଙ୍ଗାଳି, ସେମାନଙ୍କ ସହ କଠୋର ଆଭିମୁଖ୍ୟ ନିଆଯିବ । ଆତଙ୍କବାଦ ଶେଷ ହେବା ଯାଏ ପାକିସ୍ତାନ ସହ କୌଣସି ଆଲୋଚନା ହେବନାହିଁ ।ଅମିତ ଶାହ ରବିବାର ଜମ୍ମୁକଶ୍ମୀରର ବିଜେପି ଅଧ୍ୟକ୍ଷ ରବିନ୍ଦର ରାଇନାଙ୍କ ସମର୍ଥନରେ ନୌଶେରାରେ ଏକ ନିର୍ବାଚନୀ ଜନସଭାରେ କହିଛନ୍ତି ଯେ, ସେ ଅଂଚଳର ଯୁବକଙ୍କ ସହ ଆଲୋଚନା କରିବାକୁ ଚାହିଁବେ । ସେ କହିଛନ୍ତି ଯେ, ଏନସି-କଂଗ୍ରେସ ମେଂଟ ପଥର ଫିଙ୍ଗାଳି ଓ ଆତଙ୍କବାଦୀଙ୍କୁ ମୁକ୍ତ କରିବାକୁ ଚାହୁଁଛନ୍ତି, ଏହା ସେମାନଙ୍କ ଘୋଷଣା ପତ୍ରରେ ରହିଛି କିନ୍ତୁ ଆମେ ଏଭଳି ହେବାକୁ ଦେବୁନାହିଁ । ଫାରୁକ ଅବଦୁଲା ଜମ୍ମୁର ପାହାଡିରେ ଆତଙ୍କବାଦକୁ ଆଶ୍ରୟ ଦେବା ପାଇଁ ପୁଣି ଥରେ ଆଲୋଚନା କରୁଛନ୍ତି, କିନ୍ତୁ ଆମେ ତାଙ୍କୁ କହିବାକୁ ଚାହୁଁଛୁ ଯେ, ମୋଦି ସରକାର ଅଛନ୍ତି ଏବଂ ଆମେ ତାଙ୍କୁ ପାତାଳରେ ଚାପି ଦେବୁ । କୌଣସି ଆତଙ୍କବାଦ କିମ୍ବା ପଥର ଫିଙ୍ଗାଳିଙ୍କୁ ମୁକ୍ତ କରାଯିବନାହିଁ ।

# ଜାପାନ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ସହ ମୋଦୀଙ୍କ ବୈଠକ

ୱାଂଶିଟନ, ୨୩।୯ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୧ ସେପ୍ଟେମ୍ବର ୨୦୨୪ ରେ ଡେଲାରେର ୱିଲମିଙ୍ଗଟନରେ କ୍ୱାଡ୍ ଲିଡର୍ସ ଶିଖର ସମ୍ମିଳନୀ ଅବସରରେ ଆମେରିକାରେ ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କୁ ଓ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

ବିଶେଷକରି ମାର୍ଚ୍ଚ ୨୦୨୨ରେ ସେମାନଙ୍କର ପ୍ରଥମ ବାର୍ଷିକ ଶିଖର ସମ୍ମିଳନୀ ପରଠାରୁ ଦୁଇ ପ୍ରଧାନମନ୍ତ୍ରୀ ସେମାନଙ୍କର ଅନେକ କଥାବାର୍ତ୍ତାକୁ ସ୍ମରଣ କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ଏବଂ ବୈଶ୍ୱିକ ଭାଗିଦାରୀରେ ଅଗ୍ରଗତି କୁ ସକ୍ଷମ କରିବା ରେ ତାଙ୍କର ଅତୁଟ ସମର୍ପଣ ଏବଂ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ କିଶିଦାଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଭାରତ-ଜାପାନ ସ୍ପେଶାଲ ଷ୍ଟ୍ରାଟେଜିକ୍ ଆଣ୍ଡ ଗ୍ଲୋବାଲ ପାର୍ଟନରସିପ୍ ଦଶମ ବର୍ଷରେ ପହଞ୍ଚିଛି ବୋଲି ଦୁଇ ନେତା ଉଲ୍ଲେଖ କରିଥିଲେ ଏବଂ ସମ୍ପର୍କରେ ହୋଇଥିବା ଅଗ୍ରଗତି ରେ ସନ୍ତୋଷ ବ୍ୟକ୍ତ କରିଥିଲେ । ଦୁଇ ପ୍ରଧାନମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ବହୁମୁଖୀ ସମ୍ପର୍କର ସମୀକ୍ଷା କରିଥିଲେ ଏବଂ ପ୍ରତିରକ୍ଷା ଏବଂ ନିରାପତ୍ତା ସମ୍ପର୍କ ଏବଂ ବି୨ବି ଏବଂ ପି୨ପି ସହଯୋଗ ସମେତ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ମତ ବିନିମୟ କରିଥିଲେ ।ପ୍ରଧାନମନ୍ତ୍ରୀ



କିଶିଦାଙ୍କୁ ଜଣାଇବା ସହ ତାଙ୍କ ଭବିଷ୍ୟତ ପ୍ରୟାସରେ ସଫଳତା ଓ ପରିପୂର୍ଣ୍ଣତା କାମନା କରିଛନ୍ତି। ସେହିପରି ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ ଆମେରିକାର ଲିମିଂଟନଠାରେ ଷଷ୍ଠ କ୍ୱାଡ ନେତା ଶିଖର ସମ୍ମିଳନୀ ଅବସରରେ ସାକ୍ଷାତ କରିଥିଲେ। ମେ ୨୦୨୨ ପରଠାରୁ ଏହା ସେମାନଙ୍କର ନବମ ବ୍ୟକ୍ତିଗତ ଆଲୋଚନା ଥିଲା । ଉଭୟ ନେତା ରାଜନୈତିକ ଓ ରଣନୈତିକ, ପ୍ରତିରକ୍ଷା ଓ ନିରାପତ୍ତା, ବାଣିଜ୍ୟ ଓ ପୁଞ୍ଜିନିବେଶ, ଶିକ୍ଷା ଓ ଗବେଷଣା, ଜଳବାୟୁ ପରିବର୍ତ୍ତନ ଓ ଅକ୍ଷୟ ଶକ୍ତି ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ଭଳି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀମାନେ ମତ ବିନିମୟ କରିଥିଲେ। ସେମାନେ ସ୍ୱୀକାର କରିଛନ୍ତି ଯେ ଉଚ୍ଚସ୍ତରୀୟ ଯୋଗାଯୋଗର ବାରମ୍ବାରତା ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ଦୃଢ଼ ଗତି ପ୍ରଦାନ କରିଛି। ଉଭୟ ନେତା ବହୁପାକ୍ଷିକ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ଭାରତ-ଅଷ୍ଟ୍ରେଲିଆ। ବ୍ୟାପକ ରଣନୈତିକ ଭାଗିଦାରୀକୁ ଆହୁରି ଉଚ୍ଚତାରେ ପହଞ୍ଚାଇବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ପଦରୁ ଅଧିର ବିଦା

କୋଲକାତା, ୨୩।୯ (ଏଜେନ୍ସି): କଂଗ୍ରେସ ପକ୍ଷରୁ ପୂର୍ବତନ ଲୋକସଭା ସାଂସଦ ତଥା ପଶ୍ଚିମବଙ୍ଗ କଂଗ୍ରେସ ପାର୍ଟି ସଭାପତି ଅଧୀର ରଞ୍ଜନ ଚୌଧୁରୀଙ୍କୁ ପଦରୁ ହଟାଇବା ପାଇଁ ବିଜ୍ଞପ୍ତି ଜାରି କରିଛି । ତାଙ୍କ ସ୍ଥାନରେ ହାଇକମାଣ୍ଡ ଶୁଭଙ୍କର ସରକାରଙ୍କୁ ନୂତନ ସଭାପତି ଭାବେ ନିଯୁକ୍ତ କରିଛନ୍ତି।



କଂଗ୍ରେସର ସାଧାରଣ ସମ୍ପାଦକ କେ.ସି ଭେନୁଗୋପାଲ ଏକ ସରକାରୀ ବିଜ୍ଞପ୍ତିରେ କହିଛନ୍ତି ଯେ ତୁରନ୍ତ ପ୍ରଭାବ ସହିତ ପଶ୍ଚିମବଙ୍ଗ କଂଗ୍ରେସ କମିଟିର ସଭାପତି ଭାବରେ କଂଗ୍ରେସ ସଭାପତି ଶୁଭଙ୍କର ସରକାରଙ୍କୁ ନିଯୁକ୍ତ କରିଛନ୍ତି। ଏହା ସହିତ ଶୁଭଙ୍କରଙ୍କୁ ଏଆଇସିସି ସଚିବ ପଦରୁ ମଧ୍ୟ ହଟାଇ ଦିଆଯାଇଛି। ଏହା ସହିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ବିଦାୟୀ ପିସିସି ସଭାପତି ଅଧିର ରଞ୍ଜନ ଚେଧୁରୀଙ୍କ ଅବଦାନକୁ ପ୍ରଶଂସା କରାଯାଉଛି ।ନିକଟରେ ଏକ ସମ୍ବାଦ ଏଜେନ୍ସି ସହିତ କଥାବାର୍ତ୍ତା କରୁଥିବାବେଳେ ଅଧିର ରଞ୍ଜନ ଚେଧୁରୀ କହିଥିଲେ ଯେ ମଲ୍ଲିକାର୍ଜୁନ ଖଡଗେ ଦଳର ସଭାପତି ହେବା ଦିନଠାରୁ ଦଳର ସମସ୍ତ ପଦବୀ ସମ୍ବିଧାନ ଅନୁଯାୟୀ ଅସ୍ଥାୟୀ ହୋଇଯାଇଛି। ମୋର ପୋଷ୍ଟ ମଧ୍ୟ ଅସ୍ଥାୟୀ ହୋଇଛି। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠିଛି ଯେ, ଅଧିର ରଞ୍ଜନ କାହିଁକି ସଭାପତି ଏବଂ ଏଆଇସିସିରୁ ବିଦାୟ ହେଲେ ? ଟିଏମସିକୁ ନେଇ ବିବାଦ ସାମ୍ନାକୁ ଆସିଥିଲା। ଲୋକସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ ଟିଏମସି ସହ ମେଣ୍ଟକୁ ଅଧୀର ରଞ୍ଜନ ବିରୋଧ କରିଥିଲେ। ଯଦିଓ ମମତା ବାନାର୍ଜୀ ଇଣ୍ଡିଆ। ମେଣ୍ଟର ଏକ ଅଂଶ ଥିଲେ, ତେବେ ମଧ୍ୟ ଉଭୟ ଦଳ ରାଜ୍ୟରେ ଅଲଗା ଅଲଗା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଉଭୟ ଦଳ ମଧ୍ୟରେ ଆସନ ବଣ୍ଟନ ଉପରେ ସହମତି ହୋଇପାରି ନ ଥିଲେ, ତେଣୁ ଉଭୟ ଅଲଗା ଅଲଗା ଲିବାକୁ ବାଧ୍ୟ ହୋଇଥିଲେ। ସହମତି ହାସଲ ହେବା ପୂର୍ବରୁ ମଧ୍ୟ ଅଧିର ରଞ୍ଜନ ମେଣ୍ଟକୁ ବିରୋଧ କରୁଥିଲେ ।ଲୋକସଭା ନିବାଚନ ପୂର୍ବରୁ ଅଧିର ରଞ୍ଜନ କଂଗ୍ରେସ ଏବଂ ଟିଏମସିର ମେଣ୍ଟ ସମ୍ପର୍କରେ ହାଇକମାଣ୍ଡଙ୍କ ବିରୁଦ୍ଧରେ ଯାଇଥିଲେ। ଏହା ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ କହିବାକୁ ପଡିଥିଲା ଯେ ଅଧିର ରଞ୍ଜନଙ୍କ ମତ ହାଇକମାଣ୍ଡ ଏବଂ କଂଗ୍ରେସ ଦଳଠାରୁ ଭିନ୍ନ। ତାଙ୍କର ବିବୃତିକୁ ବ୍ୟକ୍ତିଗତ ଭାବେ ବିବେଚନା କରାଯିବା ଉଚିତ ।ତେବେ ଲୋକସଭା ନିର୍ବାଚନରେ ପରାଜୟ ପରେ ଅଧିର ରଞ୍ଜନ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲେ।

## ସମାଜବାଦୀ ପାର୍ଟି ସାଂସଦଙ୍କ ପୁଅଙ୍କ ନାଁରେ ସାଂଘାତିକ ଅଭିଯୋଗ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ସମାଜବାଦୀ ପାର୍ଟି ନେତା ତଥା ଉତ୍ତର ପ୍ରଦେଶର ଫୈଜାବାଦର ସାଂସଦ ଅବଧେଶ ପ୍ରସାଦଙ୍କ ପୁଅ ଅଜିତ ପ୍ରସାଦଙ୍କ ବିରୋଧରେ ଆଜି ଥାନାରେ ମାମଲା ରୁଜୁ ହୋଇଥିବା କୋତାଲୀ ସିଟି ପୁଲିସ କହିଛି ରବି ତିରୀ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଅଜିତ ପ୍ରସାଦଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ଅଜିତଙ୍କ ବିରୋଧରେ ଅପହରଣ, ମାରପିଟ ଓ ହତ୍ୟା ଧମକ ଭଳି ଅଭିଯୋଗ ହୋଇଛି। ଏକ ଜମି କିଣାରେ କମିଶନକୁ ନେଇ ଗତକାଲି ଏହି ଘଟଣା ଘଟିଥିଲା ରବି ତିୱାରୀଙ୍କ ଅଭିଯୋଗ ଅନୁଯାୟୀ ଅଜିତ ପ୍ରସାଦ ଓ ଅନ୍ୟ ୫ରୁ ୬ ଜଣ ବ୍ୟକ୍ତି ତାଙ୍କୁ ଅପହରଣ କରି ମାରପିଟ କରିଥିଲେ ଓ ଧମକ ଦେଇଥିଲେ ପୁଲିସ ଘଟଣାର ତଦନ୍ତ କରୁଛି। ସାଂସଦ ଅବଧେଶ ପ୍ରସାଦଙ୍କ ପୁଅ ଅଜିତ ପ୍ରସାଦ ପ୍ରୋପର୍ଟି ବିଜନେସ ସହିତ ସଂପୃକ୍ତ ଥିବା ବେଳେ ସମାଜବାଦୀ ପାର୍ଟି ଟିକେଟରେ ମିଲକିପୁର ବିଧାନସଭା ଆସନରୁ ଉପ-ନିର୍ବାଚନ ଲଢ଼ିପାରନ୍ତି ବୋଲି କୁହାଯାଉଛି। ଏହି ଆସନଟି ତାଙ୍କ ବାପାଙ୍କର ଥିଲା ତେବେ ସେ ଲୋକସଭା ନିର୍ବାଚନ ଜିତିବା ପରେ ଉକ୍ତ ଆସନଟି ଖାଲି ପଡ଼ିଛି।

# ଦିଶାନାୟକେ ହେବେ ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି

କଲମ୍ବୋ, ୨୩।୯ (ଏଜେନ୍ସି): ଶ୍ରୀଲଙ୍କାରେ ସରିଛି ରାଷ୍ଟ୍ରପତି ନିର୍ବାଚନ। ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେ ହେବେ। ଏହା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ପ୍ରାରମ୍ଭିକ ଧାରା ଅନୁଯାୟୀ, ଜାତୀୟ ପିପୁଲ୍ସ ପାୱାର ଅନୁରା କୁମାର ଦିଶାନାୟକେ ଆଗୁଆ। ଅଛନ୍ତି। ତାଙ୍କୁ ୫୩% ମିଳିଥିବା ସୂଚନା ରହିଛି।



ଶ୍ରୀଲଙ୍କାର ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ୍ ଅନୁଷ୍ଠିତ ପରେ ରାତିର କର୍ଫ୍ୟୁ ମଧ୍ୟରେ ଗଣତି ଆରମ୍ଭ ହୋଇଥିଲା। ଜାତୀୟ ପିପୁଲ୍ସ ପାୱାର ଅନୁରା କୁମାର ଦିଶାନାୟକେ ଆଗୁଆ। ଅଛନ୍ତି। ତାଙ୍କର ଆକର୍ଷଣୀୟ ପ୍ରଦର୍ଶନ ସହିତ ସେ ଆଜି ଶ୍ରୀଲଙ୍କାର ନବମ କାର୍ଯ୍ୟକାରୀ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି।୨୨ ଟି ନିର୍ବାଚନ ଜିଲ୍ଲାର ୧୩,୪୦୦ ମତଦାନ କେନ୍ଦ୍ରରେ ଶନିବାର ସକାଳ ୭ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ପ୍ରାୟ ୧୭ ମିଲିଅନ ଭୋଟର ଏଥିରେ ଭାଗ ନେଇଥିଲେ। ରାତିରୁ ଗଣତି ଜାରି ରହିଥିବା ବେଳେ ୫୬ବର୍ଷୀୟ ନେତା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସାଜିଥ ପ୍ରେମାଦାସ ଏବଂ ରାନିଲ ବିକ୍ରମସିଂଘେଙ୍କ ଠାରୁ ଆଗୁଆ ଅଛନ୍ତି। ୨୨ଟି ଜିଲ୍ଲା ମଧ୍ୟରୁ ସାତଟିର ଫଳାଫଳ ତଥା ପୋଷ୍ଟାଲ ବାଲାଟ୍ ଅନୁଯାୟୀ, ଏନପିପି ନେତା ୫୭ % ଭୋଟ୍ ପାଇଥିବାବେଳେ ଅନ୍ୟ ଦୁଇ ପ୍ରାର୍ଥୀ ମାତ୍ର ୧୯ % ଭୋଟ୍ ପାଇଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଦିଶାନାୟକେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ୫୦ ପ୍ରତିଶତରୁ ଅଧିକ ଭୋଟରେ ଜିତିବା ନେଇ ସମ୍ଭାବନା ରହିଛି। ଅନୁରା କୁମାର ଦିଶାନାୟକେ କଲମ୍ବୋ ଜିଲ୍ଲାର ସାଂସଦ ଅଟନ୍ତି। ବର୍ତ୍ତମାନ ସେ ନ୍ୟାସନାଲ ପିପୁଲ୍ସ ପାୱାର ଏବଂ ଜନତା ଭିମୁକଥୀ ପେରମୁନା ପାର୍ଟିରେ ନେତା ଅଟନ୍ତି। ଏନପିପି ମିଳିତ ମଞ୍ଚର ପ୍ରାର୍ଥୀ ଭାବରେ ସେ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ମିଳିତ ମଞ୍ଚରେ ମାର୍କ୍ସବାଦୀ-ଜନତା ଜନତା ଭିମୁକଟି ପେରେମୁନା (ଜେଭିପି) ପାର୍ଟି ଅନ୍ତର୍ଭୁକ୍ତ।୨୦୨୨ ମସିହାରେ ହୋଇଥିବା ଆର୍ଥିକ ସଙ୍କଟ ପରେ ଶ୍ରୀଲଙ୍କାରେ ଏହା ହେଉଛି ପ୍ରଥମ ରାଷ୍ଟ୍ରପତି ନିର୍ବାଚନ। ଖାଦ୍ୟ ଶସ୍ୟ, ଇନ୍ଧନ ଏବଂ ଅନ୍ୟାନ୍ୟ ଜରୁରୀ ଦ୍ରବ୍ୟର ଅଭାବ ମଧ୍ୟରେ ଶ୍ରୀଲଙ୍କା ଏପ୍ରିଲ୍ ୨୦୨୨ ରେ ଦେବାଳିଆ। ହୋଇଥିବା ଘୋଷଣା କରାଯାଇଥିଲା।

## ରେଡ୍ ଡଟ୍ ହେଲଥ୍ ଓ ଉତ୍କଳ ହସ୍ପିଟାଲ ମଧ୍ୟରେ ଏମଓୟୁ

ଭୁବନେଶ୍ୱର, ୨୩।୯ (ମହାଭାରତ): ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ସେବାର ଜଟିଳ ସମସ୍ୟାର ମୁକାବିଲା ପାଇଁ ରେଡ୍.ହେଲଥ୍ ପକ୍ଷରୁ ଉତ୍କଳ ହସ୍ପିଟାଲ ସହ ରଣନୈତିକ ଭାଗିଦାରୀ ଘୋଷଣା କରାଯାଇଛି। ରେଡ୍.ହେଲଥ୍ ଓ ଉତ୍କଳ ହସ୍ପିଟାଲରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଆଡଭାନ୍ସ ଲାଇଫ ସପୋର୍ଟ (ଏଏଲ୍ଏସ୍) ଆମ୍ବୁଲାନ୍ସକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟୋଜିତ କରାଯିବ। ସହର ଏବଂ ଏହାର ଆଖପାଖ ଅଂଚଳରେ ଜରୁରୀକାଳୀନ ଚିକିତ୍ସା ସେବାରେ ଉନ୍ନତି ଆଣିବା ଏହି ସହଯୋଗର ଲକ୍ଷ୍ୟ। ପତାକା ଉନ୍ମୋଚନ ଉତ୍ସବରେ ଉତ୍କଳ ହସ୍ପିଟାଲର ଶ୍ରୀଯୁକ୍ତ ମାନବ (ସିଓଓ), ଅରୁଣ ଖିଲାର (ସିଏଫ୍ଓ ଆଣ୍ଡ ୟୁନିଟ୍ ମୁଖ୍ୟ) ଏବଂ ଉତ୍କଳ ହସ୍ପିଟାଲର ଜରୁରୀକାଳୀନ ବିଭାଗର ଏଚ୍ଓଡି ଡାକ୍ତର ଅବିନାଶ ମହାନ୍ତି ଏବଂ ରେଡ୍ ଡଟ୍ ହେଲଥ୍ର ହସ୍ପିଟାଲ ବ୍ୟବସାୟ ଉପସଭାପତି ପ୍ରଶାନ୍ତ ଅଗ୍ରୱାଲ୍ ଉପସ୍ଥିତ ଥିଲେ। ଏହି ଭାଗିଦାରୀ ସମ୍ପର୍କରେ ରେଡ୍ ଡଟ୍ ହେଲଥ୍ର ପ୍ରତିଷ୍ଠାତା ତଥା ସିଇଓ ପ୍ରଭଦୀପ ସିଂହ ମନ୍ତବ୍ୟ ଦେଇଛନ୍ତି, "ସଙ୍କଟ ମୁହୂର୍ତ୍ତରେ ପ୍ରତ୍ୟେକ ସେକେଣ୍ଡ ଗୁରୁତ୍ୱପୂର୍ଣ୍ଣ। ଉତ୍କଳ ହସ୍ପିଟାଲ ସହ ଆମର ସହଯୋଗ କେବଳ ଆମ୍ବୁଲାନ୍ସ ମୁତୟନ ପାଇଁ ନୁହେଁ; ଏହା ହେଉଛି ଭୁବନେଶ୍ୱରବାସୀଙ୍କ ପାଇଁ ଏକ ନିରାପତା ଜାଲ ସୃଷ୍ଟି କରିବା । ବିଳମ୍ବିତ ଜରୁରୀକାଳୀନ ସେବା ଯୋଗୁଁ ଯେପରି କୌଣସି ରୋଗୀଙ୍କ ଜୀବନ ବିପଦରେ ନ ପଡ଼େ ତାହା ସୁନିଶ୍ଚିତ କରିବାକୁ ଆମେ ଏଠାକୁ ଆସିଛୁ। ଆମର ଅତ୍ୟାଧୁନିକ ଜ୍ଞାନକୌଶଳକୁ ଉତ୍କଳ ହସ୍ପିଟାଲର ଡାକ୍ତରୀ ଦକ୍ଷତା ସହ ମିଶାଇ ଆମେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାକୁ ଅଧିକ ଆବଶ୍ୟକ ସ୍ଥଳେ ଉପଲବ୍ଧ କରାଇବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଉଛୁ।"

# କମ ଖର୍ଚ୍ଚରେ ସ୍ୱାସ୍ଥ୍ୟ ବୀମା ସହିତ ଗୁଣାତ୍ମକ ସ୍ୱାସ୍ଥ୍ୟଯତ୍ନକୁ ସୁଲଭ କରାଯାଇଛି

ଭୁବନେଶ୍ୱର, ୨୩।୯ (ମହାଭାରତ): ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ଅନେକ ସମୟରେ ଅତର୍କିତ, ଭୟଙ୍କର ହୋଇଥାଏ ଏବଂ ବେଳେବେଳେ ଗୁରୁତର ମଧ୍ୟ ହୁଏ। ଦୁର୍ଭାଗ୍ୟକୁ ସେଗୁଡିକ ଆମ ଚତୁର୍ପାର୍ଶ୍ୱରେ ରହିଛି ଏବଂ ଯେକୌଣସି ବ୍ୟକ୍ତିଙ୍କୁ ବୟସ, ଲିଙ୍ଗ ଅଥବା ସମ୍ବଳ ନିର୍ବିଶେଷରେ ଆକ୍ରାନ୍ତ କରିପାରେ। ତେବେ ପାର୍ଥକ୍ୟ ହେଉଛି ଯେ ଏକ ସ୍ୱାସ୍ଥ୍ୟଗତ ଜରୁରୀ ସମସ୍ୟା ଯଦି ଆସିବାକୁ ଅଛି, ତେବେ ଏହା ଏକ ସାଧାରଣ ଆୟକାରୀ ପରିବାର ଏବଂ ସେମାନଙ୍କର ଆର୍ଥିକ ମୂଳଦୁଆ ପ୍ରତି ସମ୍ଭବତଃ ଶକ୍ତ ଆଘାତ ପହଞ୍ଚାଇପାରେ। ଏକଥା ଭୁଲିଯିବା ଉଚିତ ନୁହେଁ ଯେ ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଆପଣଙ୍କର ଆର୍ଥିକ ବ୍ୟବସ୍ଥାରେ ଆଞ୍ଚ ଆଣିବାକୁ ଯଥେଷ୍ଟ, ତେଣୁ ସ୍ୱାସ୍ଥ୍ୟ ବୀମାର ଏକ ସୁରକ୍ଷା ଏ କ୍ଷେତ୍ରରେ ଏକମାତ୍ର ବିଚାରବନ୍ତ ଉପାୟ ହୋଇପାରିବ। ସିଦ୍ଧାର୍ଥ ସିଂଘଲ, ବିଜିନେସ୍ ହେଡ-ହେଲ୍ଥ ଇନସ୍ୟୁରାନ୍ସ, ପଲିସୀବଜାର ଡଟ୍ କମ୍ କହିଛନ୍ତି, "ଅନେକ ଆୟକାରୀ ବର୍ଗ ହୁଏତ ଏକ ପଲିସୀ ଖରିଦ କରିବା ନିମନ୍ତେ ଅର୍ଥ ଖର୍ଚ୍ଚକୁ ଏକ ପ୍ରତିବନ୍ଧକ ଭାବରେ ବିବେଚନା କରିପାରନ୍ତି। ଏହି ପ୍ରସଙ୍ଗରେ ନିୟୁତାଧିକ ଲୋକଙ୍କୁ ଉକ୍ତ ପ୍ରତିବନ୍ଧକ ଅତିକ୍ରମ କରିବା ନିମନ୍ତେ ବୀମା ଶିଳ୍ପ ଏଭଳି ପ୍ଲାନଗୁଡିକର ଡିଜାଇନ କରିଛି ଯାହା କମ୍ ଖର୍ଚ୍ଚ ବିଶିଷ୍ଟ ତଥାପି ପୂର୍ଣ୍ଣାଙ୍ଗ। ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ପରିସ୍ଥିତି ଭିନ୍ନ ଏବଂ ତାଙ୍କର ଚିକିତ୍ସାଗତ ଆବଶ୍ୟକତା ମଧ୍ୟ ଭିନ୍ନ। ଏହି ପ୍ଲାନ୍ଗୁଡିକ ଏହିସବୁ ବହୁବିଧ ଆବଶ୍ୟକତାକୁ ମନ ମଧ୍ୟରେ ରଖି ଡିଜାଇନ କରାଯାଇଛି।" ସର୍ବଦା ଏକ ଉଚ୍ଚତର ଅର୍ଥରାଶି ବୀମା କରିବାକୁ ସୁପାରିଶ କରାଯାଉଥିବାବେଳେ ସୁଲଭତାର ଅଭାବ ଅନେକ ସମୟରେ ପଲିସୀଧାରକଙ୍କୁ କୌଣସି ବୀମା ଖରିଦ କରିବାରୁ ବିରତ କରାଉଛି। ତେଣୁ ଏଭଳି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ନିମନ୍ତେ ୫ ଲକ୍ଷ ଟଙ୍କା ବୀମାକୃତ ରାଶିରୁ ଆରମ୍ଭ କରି ଏକ ସୁଲଭ ପ୍ଲାନ୍ ଖରିଦ କରିବାକୁ ପରାମର୍ଶ ଦିଆଯାଉଛି। ପ୍ରିମିୟମ ସବୁଠାରୁ କମ୍ ମାସକୁ ୩୫୦ ଟଙ୍କାରୁ ଆରମ୍ଭ ହେଉଛି ଅଥବା ଦିନକୁ ୧୧-୧୨ ଟଙ୍କା ଦେବାକୁ ପଡୁଛି। ଏହା ଏକ ନୋ-ଫ୍ରିଲ ପ୍ଲାନ ଯାହା ଆପଣ ଜରୁରୀକାଳୀନ ହସପିଟାଲରେ ଭର୍ତ୍ତିହେବା ସମୟରେ ଆପଣଙ୍କର ଆବଶ୍ୟକତା ପୂରଣ କରିପାରିବ। ଏହି ପ୍ଲାନଗୁଡିକର ପ୍ରିମିୟମ ଆପଣଙ୍କ ଆର୍ଥିକ ସ୍ଥିତି ଉପରେ ଚାପ ନପକାଇ ଆପଣଙ୍କର ବହୁବିଧ ସ୍ୱାସ୍ଥ୍ୟଯତ୍ନ ବାବଦ ଖର୍ଚ୍ଚରୁ ଆପଣଙ୍କୁ ସୁରକ୍ଷା ଦେବାକୁ ଡିଜାଇନ କରାଯାଇଛି।

ବୀମା କ୍ଷେତ୍ରରେ ସୁଲଭତା ନିମନ୍ତେ ଏକ ବର୍ଦ୍ଧିତ ଚାହିଦା କ୍ରମାଗତ ଭାବରେ ବୃଦ୍ଧିପାଉଛି, ବିଶେଷକରି ଟିୟର ୨ ଓ ଟିୟର ୩ ସହରଗୁଡିକରେ ଏହା ପରିଲକ୍ଷିତ ହେଉଛି। ଏହି ପ୍ଲାନଗୁଡିକ ପରିବ୍ୟାପ୍ତ ଜନସଂଖ୍ୟାକୁ ପର୍ଯ୍ୟାପ୍ତ ସୁରକ୍ଷା ଦେବାକୁ ଉଦ୍ଦିଷ୍ଟ ଯେଉଁମାନଙ୍କର କୌଣସି ପ୍ରକାର ସ୍ୱାସ୍ଥ୍ୟବୀମା କଭରେଜ ନାହିଁ। ସେଥିପାଇଁ ଏକ ପ୍ଲାନ ସୃଷ୍ଟିକରି ଏବଂ ତାହାକୁ ଗ୍ରାହକଙ୍କ ନିକଟକୁ ନେବା ପରିବର୍ତ୍ତେ ଏହି ପଲିସୀଗୁଡିକ ସାଧାରଣ ଲୋକମାନଙ୍କର ଏହିସବୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରିଭର୍ସ-ଇଞ୍ଜିନିୟରଡ ଓ ଡିଜାଇନ କରାଯାଇଛି।

ଏହାର ସର୍ବୋତ୍ତମ ଦିଗଟି ହେଉଛି ସୁଲଭତା ଏହିସବୁ ପ୍ଲାନ ବିନିମୟରେ ଆସୁନାହିଁ। ଏ କ୍ଷେତ୍ରରେ କୌଣସି ପ୍ରକୋଷ୍ଠ ଭଡା ସୀମା ପ୍ରଯୁଜ୍ୟ ହେଉନାହିଁ, ପ୍ଲାନଗୁଡିକ ଅତି କମ୍‌ରେ ଗୋଟିଏ ବ୍ୟକ୍ତିଗତ ଏସି ପ୍ରକୋଷ୍ଠ ଯୋଗାଇ ଦେଉଛି। ତେଣୁ ଜଣେ ପ୍ରକୋଷ୍ଠ ଭଡା ସୀମା ବିଷୟରେ ଚିନ୍ତିତ ନହୋଇ ନିଜ ପସନ୍ଦର ପ୍ରକୋଷ୍ଠ ବାଛିପାରିବେ।

## କିର୍ଲୋସ୍କର ଏବରା ପମ୍ପ ଦୀର୍ଘତମ ଅଶୋଧିତ ତୈଳ ପାଇପଲାଇନ ପ୍ରକଳ୍ପ ପାଇଁ ପମ୍ପ ସ୍ଥାପନ

ଭୁବନେଶ୍ୱର, ୨୩।୯ (ମହାଭାରତ): ପାରାଦୀପ-ନୁମାଲିଗଡ଼ ଅଶୋଧିତ ତୈଳ ପାଇପ୍ ଲାଇନ୍ ପ୍ରକଳ୍ପ ପାଇଁ ୧୬ଟି ପମ୍ପ ପ୍ୟାକେଜ୍ ସଫଳ ଭାବେ କାର୍ଯ୍ୟକାରୀ କରିବା ନେଇ କିର୍ଲୋସ୍କର ଏବରା ପମ୍ପ ଲିମିଟେଡ୍ (କେଇପିଏଲ୍) ଗର୍ବିତ। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପରେ ପାରାଦୀପରୁ ନୁମାଲିଗଡ଼ ପର୍ଯ୍ୟନ୍ତ ୪ଟି ପମ୍ପିଂ ଷ୍ଟେସନରେ ପମ୍ପ ସ୍ଥାପନ କରାଯାଇଥିଲା, ଯାହା ଭାରତର ଶକ୍ତି ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ୍। ନୁମାଲିଗଡ଼ ରିଫାଇନାରୀ ଲିମିଟେଡ୍ ଦ୍ୱାରା ପରିଚାଳିତ ପିଏନସିପିଏଲ୍ ପ୍ରକଳ୍ପ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହାର ଉଦ୍ଦେଶ୍ୟ ହେଉଛି ଏନଆରଏଲ୍ର କ୍ଷମତାକୁ ବାର୍ଷିକ ୩.୦ ନିୟୁତ ମେଟ୍ରିକ୍ ଟନ୍‌ରୁ ୯.୦ ଏମଏମଟିପିଏକୁ ବୃଦ୍ଧି କରିବା । ଭାରତର ପେଟ୍ରୋଲିୟମ ଉତ୍ପାଦର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଏହି ସମ୍ପ୍ରସାରଣ ଜରୁରୀ । ଏହି କ୍ଷମତା ବୃଦ୍ଧି ପାଇଁ ଏକ ନୂତନ ଅଶୋଧିତ ପାଇପଲାଇନ ବିକଶିତ କରାଯାଇଛି, ଯାହା ୧,୬୩୦ କିଲୋମିଟର ବ୍ୟାପୀ ଏବଂ ଏକାଧିକ ରାଜ୍ୟର ଚାରିଟି ଷ୍ଟେସନକୁ ଅନ୍ତର୍ଭୁକ୍ତ କରିଛି। ଭାରତ ସରକାରଙ୍କ 'ଉତର ପୂର୍ବ ଭାରତ ପାଇଁ ହାଇଡ୍ରୋକାର୍ବନ ଭିଜନ ୨୦୩୦'ର ଅଂଶ ବିଶେଷ ଭାବେ ଏହି ସମ୍ମାନଜନକ ଏନଆରଇପି ପ୍ରକଳ୍ପ ହେଉଛି ଉତର ପୂର୍ବ ଭାରତରେ ଏକକ ବୃହତମ ପୁଞ୍ଜିନିବେଶ । ଏହି ପାଇପ୍ ଲାଇନ୍ ପୂର୍ବ ଭାରତର ସମସ୍ତ ପ୍ରମୁଖ ନଦୀ ଗଙ୍ଗା, ଜିଆ ଭରାଲି, ସୁବନସିରି, ବ୍ରହ୍ମପୁତ୍ର ସମେତ ଅନେକ ରାସ୍ତା ଅତିକ୍ରମ କରି ୫ଟି ରାଜ୍ୟ ଦେଇ ଅତିକ୍ରମ କରିଥାଏ ଯାହାକୁ ହରିଜଟାଲ ଡାଇରେକ୍ସନାଲ ଡ୍ରିଲିଂ (ଏଚଡିଡି) ନାମକ ଏକ କୌଶଳ ମାଧ୍ୟମରେ ଅତିକ୍ରମ କରିଥାଏ ।

# "ବାୟୋଡ଼ାଇଜେଷ୍ଟର ପ୍ରକଳ୍ପ" ଦୁଗ୍ଧ ପ୍ରସ୍ତୁତକାରୀ କୃଷକମାନଙ୍କ ପୋଷଣୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତ

ଭୁବନେଶ୍ୱର, ୨୩।୯ (ମହାଭାରତ): ନେସଲେ ଇଣ୍ଡିଆ ଏହାର ଦାୟିତ୍ୱ ସମ୍ପନ୍ନ ଉତ୍ସ ତଥା ଦୁଗ୍ଧଯାତ ଫାର୍ମ ଗୁଡ଼ିକରୁ ନିର୍ଗତ ନିଃସରଣକୁ ହ୍ରାସ କରିବା ପାଇଁ ନିଜର ଏହି ବାୟୋଡ଼ାଇଜେଷ୍ଟର ପ୍ରକଳ୍ପ ସହିତ ଦୃଢ଼ ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶିତ କରୁଅଛି। ଏହି ବାୟୋଡ଼ାଇଜେଷ୍ଟର ପ୍ରଯୁକ୍ତି ଗାଇମାନଙ୍କଠାରୁ ଉତ୍ପନ୍ନ ଗୋବରରୁ ଏକ ପରିଷ୍କୃତ ଗୋବର ଗ୍ୟାସ ରୂପାନ୍ତରିତ କରିବା ସହିତ ଦୁଗ୍ଧ ପ୍ରସ୍ତୁତକାରୀ ଫାର୍ମ ଗୁଡ଼ିକରୁ ନିର୍ଗତ କାର୍ବନ ନିଃସରଣ ଛାପକୁ ହ୍ରାସ କରୁଅଛି। ଏଥିରୁ ଉତ୍ପନ୍ନ ବଳକା ବର୍ଜ୍ୟ ପ୍ରାକୃତିକ ଫର୍ଟିଲାଇଜରରେ ବ୍ୟବହୃତ ହେବା ସହିତ କୃଷିଭିତ୍ତିକ ବ୍ୟବହାରିକାରୀତାକୁ ଏହା ପୁର୍ନଜୀବିତ କରୁଅଛି। ଏହି ପଦକ୍ଷେପର ଅଂଶବିଶେଷ ଭାବରେ ନେସଲେ ଇଣ୍ଡିଆ ସମଗ୍ର ପଞ୍ଜାବ ଏବଂ ହରିୟାଣା ରାଜ୍ୟରେ ପାଖାପାଖି ୭୦ଟି ବୃହତ୍ ବାୟୋଡ଼ାଇଜେଷ୍ଟର ଏବଂ ୩୦୦୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ବାୟୋଡ଼ାଇଜେଷ୍ଟର ସମଗ୍ର ରାଜ୍ୟରେ ରହିଥିବା ୨୪ଟି ଜିଲ୍ଲାରେ ସ୍ଥାପିତ କରିବାର କାର୍ଯ୍ୟକ୍ରମ ଆରମ୍ଭ କରିଛି। କ୍ଷୁଦ୍ର ଦୁଗ୍ଧଯାତ ଫାର୍ମ ଯେଉଁଠାରେ ଗାଈ ମାନଙ୍କଠାରୁ ନିର୍ଗତ ଏହି ଗୋବର ଗୁଡ଼ିକୁ ଫିଙ୍ଗା ଯାଇଥାଏ ଏହା ଜିଏଚ୍‌ଜି ନିଃସରଣର ଏକ ବିପଦପୂର୍ଣ୍ଣ ଉତ୍ସ ହୋଇଥାଏ। ଥରେ ଏହା ବାୟୋଡ଼ାଇଜେଷ୍ଟର ସହିତ ଆସିଗଲେ ଏହି ଖତ ଜୈବ ସାରାୟନିକରେ ମିଶିଯାଇ ବାୟୋ ଗ୍ୟାସ ଉତ୍ପନ କରିଥାଏ। କ୍ଷୁଦ୍ର ବାୟୋଡ଼ାଇଜେଷ୍ଟର ଯେଉଁ ବାୟୋଗ୍ୟାସ ଉତ୍ପନ୍ନ କରେ ତାହା ଏଲପିଜି ଏବଂ ଜାଳେଣି କାଠକୁ ଉପଯୋଗୀ କରିଥାଏ ଫଳସ୍ୱରୂପ କୃଷକ ମାନଙ୍କ ପାଇଁ ଜାଳେଣି କାଠରୁ ଉତ୍ପନ୍ନ ହେଉଥିବା ଧୂଆଁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିପଦକୁ ହ୍ରାସ କରିବା ସହିତ ଏହା ମଧ୍ୟ ସେମାନଙ୍କ ପାଇଁ ତ୍ୱରିତ ଆର୍ଥିକ ସୁବିଧା ଯୋଗାଇଥାଏ। ଏହି ସୁବିଧା ବ୍ୟତୀତ ବୃହତ୍ ବାୟୋଡ଼ାଇଜେଷ୍ଟର ଗୁଡ଼ିକ ମଧ୍ୟ ବିଦ୍ୟୁତ୍ ଉତ୍ପାଦନକୁ ସକ୍ଷମ କରିବା ସହିତ ଏଥିରୁ ଶତପ୍ରତିଶତ ଅକ୍ଷୟ ଶକ୍ତି ଉତ୍ପନ୍ନ ହୋଇଥାଏ, ଯାହାକି ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ବାୟୋଡ଼ାଇଜେଷ୍ଟର ର ଅବଶିଷ୍ଟାଂଶ ଖତ ବାୟୋ ଫର୍ଟିଲାଇଜରରେ ରୂପାନ୍ତରିତ ହୋଇ ଏହା ଫାର୍ମ ଏବଂ କିଚେନ ଗାର୍ଡ଼ନରେ ବ୍ୟବହୃତ ହୋଇଥାଏ।

ଏହି ପଦକ୍ଷେପ ଉପରେ ମତବ୍ୟକ୍ତ କରି ଶ୍ରୀ ସଞ୍ଜୟ ଖଜୁରିଆ, ନିର୍ଦ୍ଦେଶକ, କର୍ପୋରେଟ ଆଫାୟାରସ ଏବଂ ସଷ୍ଟେନେବିଲିଟି, ନେସଲେ ଇଣ୍ଡିଆ କହିଛନ୍ତି, "ନେସଲେ ଇଣ୍ଡିଆର ଏହି ବାୟୋଡ଼ାଇଜେଷ୍ଟର ପ୍ରକଳ୍ପ କିଭଳି ଭାବରେ ଆମର ଉଦ୍ୟମ ସହିତ ଭାରତର ପୌଷଣୀୟତା ପଦକ୍ଷେପ ଉପରେ ଗୁରୁତ୍ୱପୂର୍ଣ୍ଣତା, ସକାରାତ୍ମକ ଉତ୍ସ ଏବଂ କୃଷିକୁ ପୁନଃଜୀବିତ କରିବାର ଏହା ଏକ ଜ୍ୱଳନ୍ତ ଉଦାହରଣ। କୃଷକମାନେ ନିର୍ଭରଶୀଳ ହେଉଥିବା ଫସିଲ ଇନ୍ଧନ କିଭଳି ଭାବରେ ବାୟୋଗ୍ୟାସ ଦ୍ୱାରା ଉତ୍ପନ୍ନ ବାୟୋଡ଼ାଇଜେଷ୍ଟର ଦ୍ୱାରା ହ୍ରାସ ପାଉଛି ଏବଂ ବାୟୋ ଫର୍ଟିଲାଇଜର କିଭଳି ଭାବରେ ସେମାନଙ୍କର ରାସାୟନିକ ଫର୍ଟିଲାଇଜର ଉପରେ ରହିଥିବା ବିଶ୍ୱସନୀୟତାକୁ ହ୍ରାସ କରିପାରିଛି ଏହା ପ୍ରଦର୍ଶିତ ହେଉଅଛି।

## ଆଇଆଇଏମ ସମ୍ବଲପୁରର ପ୍ରତିଷ୍ଠା ଦିବସ

ସମ୍ବଲପୁର, ୨୩।୯ (ମହାଭାରତ): ଦେଶରଅନ୍ୟତମ ପ୍ରମୁଖ ମ୍ୟାନେଜମେଂଟ୍ ଅନୁଷ୍ଠାନ ଆଇଆଇଏମ୍ ସମ୍ବଲପୁରରେ ଏଆଇକୁ ବ୍ୟାପକ ଭାବେ ପ୍ରଚଳନ କରିବାକୁ ଘୋଷଣା କରାଯାଇଛି ଯାହା ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଶୈଳୀରେ ପରିବର୍ତନ ଆଣିବ। ଶିକ୍ଷକଙ୍କ ଭୂମିକାକୁ ଏହା ଶିକ୍ଷାଦାନରୁ ସୃଷ୍ଟି ଓ ଶିକ୍ଷଣରେ ପରିବର୍ତନ କରିବ। ଆଇଆଇଏମ ସମ୍ବଲପୁର ଏହାର ଦଶମ ପ୍ରତିଷ୍ଠା ଦିବସ ପାଳନ କରି ଏକ ଦଶନ୍ଧିର ଉତ୍କର୍ଷତା ଏବଂ ପରିବର୍ତନମୂଳକ ଉପଲବ୍ଧିକୁ ପାଳନ କରୁଛି। ତାହା ଅଭିନବତା, ସାମଗ୍ରିକତା ଏବଂ ଅଖଣ୍ଡତା ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହାର ପ୍ରତିଷ୍ଠା ପରଠାରୁ ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ କାର୍ଯ୍ୟଭିତକ ଗବେଷଣା, ମୂଲ୍ୟ-ପରିଚାଳିତ ପରାମର୍ଶ ଏବଂ ଅନୁଭୂତିମୂଳକ ଶିକ୍ଷଣ ଶିକ୍ଷାଦାନ ମାଧ୍ୟମରେ ମ୍ୟାନେଜମେଂଟ୍ ଶିକ୍ଷା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ଏବଂ ଲିଙ୍ଗଗତ ବିବିଧତା, ନିଯୁକ୍ତି, ସାଂସ୍କୃତିକ ବିକାଶ, ସ୍ଥାୟିତ୍ୱ ପଦକ୍ଷେପ ଏବଂ ବୈଷୟିକ ଉନ୍ନତିରେ ନୂତନ ମାନଦଣ୍ଡରେ ଅଗ୍ରଣୀ ହୋଇ ବ୍ୟବସାୟ ଶିକ୍ଷାରେ ଦ୍ରୁତ ଗତିରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଉଭା ହେଉଛି। ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ କାଓଲେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ଅନୁରାଗ ବାତ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନେକ୍ସସ ପାୱାରର ସହ ପ୍ରତିଷ୍ଠାତା ତଥା ସିଇଓ ନିଶିତା ବଳିଆରସିଂହ ଓ ଆଇବିଏମର ଆସୋସିଏଟ୍ ପାର୍ଟନର ଅନିନ୍ଦ୍ୟା ଘୋଷ ଯୋଗ ଦେଇଥିଲେ। ପ୍ରତିଷ୍ଠା ଦିବସ ପାଳନ ସମାରୋହକୁ ସ୍ୱାଗତ ଭାଷଣ ଜରିଆରେ ସମ୍ବୋଧନ କରି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, "ଏହି ବିଶ୍ୱସ୍ତରୀୟ ଅନୁଷ୍ଠାନ ଗଠନରେ ଯୋଗଦାନ କରିଥିବା ସମସ୍ତଙ୍କୁ ମୁଁ କୃତଜ୍ଞତା ଜଣାଉଛି।

## ଗାଲାକ୍ସିର ଏସ, ଏମ ଏବଂ ଏଫ ଶୃଙ୍ଖଳ ସ୍ମାର୍ଟଫୋନ ଉପରେ ରିହାତି

ଭୁବନେଶ୍ୱର, ୨୩।୯ (ମହାଭାରତ): ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ପୂର୍ବରୁ ଦେଖାଯାଇନଥିବା ମୂଲ୍ୟର କେତେ ଗୁଡ଼ିଏ ଚୟନକାରୀ ଫ୍ଲାଗସିପ୍ ଗାଲାକ୍ସି ଏସ,ଏମ ଏବଂ ଏଫ ଶୃଙ୍ଖଳ ସ୍ମାର୍ଟଫୋନର ଘୋଷଣା କରିଛି। ପୂର୍ବରୁ ଏଭଳି ଶୁଭାରମ୍ଭ ହୋଇନଥିବା ସ୍ମାର୍ଟଫୋନ ଉପରେ ଗାଲାକ୍ସି ନିଜର ବିଶେଷ ମୂଲ୍ୟ ଏହାର ଗ୍ରାହକମାନଙ୍କୁ ଦେବାକୁ ଯାଉଛି।

ଗାଲାକ୍ସି ଏସ୨୩ ଏଫଇର ପ୍ରକୃତ ମୂଲ୍ୟ ୫୪୯୯୯ ଟଙ୍କା ବଦଳରେ ଏହା କେବଳ ୨୭୯୯୯ ଟଙ୍କାରେ ଉପଲବ୍ଧ ହେବ। ସେହିପରି ଗାଲାକ୍ସି ଏସ୨୩ ପ୍ରକୃତ ମୂଲ୍ୟ ୭୪୯୯୯ ଟଙ୍କା ବଦଳରେ ଏହା କେବଳ ୩୭୯୯୯ ଟଙ୍କାରେ ଉପଲବ୍ଧ ହେବ। ଏକ କାଉଂଟର ପଂଏଟ ସର୍ଭେ ମୁତାବକ ଭାରତରେ ଗାଲାକ୍ସି ଏସ୨୩ ଏଫଇ ୩୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଆଣ୍ଡ୍ରଏଡ଼ ସ୍ମାର୍ଟଫୋନର ବିକ୍ରୟ ଏକ ନମ୍ବର ସ୍ଥାନରେ ରହିଛି। ଚଳିତ ବର୍ଷ ପ୍ରାରମ୍ଭରେ ସାମସଙ୍ଗ ଏହାର ଗାଲାକ୍ସି ଏଆଇ ବିଶେଷତ୍ୱ ସମ୍ପନ୍ନ ଗାଲାକ୍ସି ଫ୍ଲାଗସିପର ଅଧିକ ସଂଖ୍ୟକ ସାମଗ୍ରୀର ଘୋଷଣା କରିଥିଲା ଯାହା ମଧ୍ୟରେ ଥିଲା ଗାଲାକ୍ସି ଏସ୨୩ ଅଲଟ୍ରା, ଗାଲାକ୍ସି ଏସ୨୩ ଏବଂ ଗାଲାକ୍ସି ଏସ୨୩ ଏଫଇ ଯାହାକି ମୋବାଇଲ କ୍ଷେତ୍ରରେ ଏଆଇକୁ ସାର୍ବଜନୀନ କରିପାରିଥିଲା। ଗାଲାକ୍ସି ଏଆଇ ବିଶେଷତ ସହିତ ଆସିଥିବା ଏହିଭଳି ବ୍ୟବହାରକାରୀ ଗାଲାକ୍ସି ଏସ୨୩ ଅଲଟ୍ରା, ଗାଲାକ୍ସି ଏସ୨୩ ଏବଂ ଗାଲାକ୍ସି ଏସ୨୩ ଏଫଇ ଏହିଗୁଡ଼ିକ ଯେଉଁସବୁ ବିଶେଷ ଉପକାରୀତା ସହିତ ଉପଲବ୍ଧ ହେବ ସେ ଗୁଡ଼ିକ ମଧ୍ୟରେ ରହିଛି ସର୍କଲ ଟୁ ସର୍ଚ୍ଚ, ଲାଇଭ ଟ୍ରାନ୍ସଲେଟ ଏବଂ ନୋଟ ଆସିସ୍ ଇତ୍ୟାଦି। ଗାଲାକ୍ସି ଏଆଇର ସମ୍ମିଳିତ ଏହି ବିସ୍ତାରିତ ଗାଲାକ୍ସି ଇକୋସିଷ୍ଟମ ମଧ୍ୟରେ ଯେଉଁସବୁ ତ୍ରୁଟି ବିହିନ ଅଭିଜ୍ଞତା ବ୍ୟବହାରକାରୀମାନଙ୍କ ପାଖରେ ଉପଲବ୍ଧ ହେବ ତାହା ଅନେକ ଗୁଡ଼ିଏ ନୂତନ ଦକ୍ଷତାକୁ ଏଆଇ ପ୍ରୋତ୍ସାହନ ସହିତ ସକ୍ଷମ କରିପାରିବ।

ବିକଳ୍ପ ତଥା ବିଶ୍ୱସ୍ତ ସଫଳତା ପାଇଁ ଗାଲାକ୍ସି ଏସ୨୩ ଏଫଇ ସହିତ ଫ୍ଲାଗସିପ ପ୍ରୋ-ଗ୍ରେଡ୍ ନାଇଟୋଗ୍ରାଫି କ୍ୟାମେରା ସହିତ ତିନିଗୁଣା ଅଧିକା ଅପଟିକାଲ ଜୁମ୍ ଯାହାକି ୪ଏମଏମ ଚିପ୍ ସେଟ୍ ସହିତ ଆସୁଅଛି ଯାହାକି ଏକ ଅବିଶ୍ୱସନୀୟ ଅଭିଜ୍ଞତା ଅଟେ। ଏଥିରେ ରହିଥିବା ୪୫୦୦ ଏମଏଏଚ ବ୍ୟାଟେରୀ ଏହାର ସଂରକ୍ଷଣ କ୍ଷମତାକୁ ଅଧିକ ବ୍ୟାପକ କରିବା ସହିତ ୩୦ ମିନିଟ ସମୟ ମଧ୍ୟରେ ସ୍ମାର୍ଟଫୋନକୁ ଏହା ୫୦ ପ୍ରତିଶତରୁ ଅଧିକ ଚାର୍ଜ କରିପାରିବ।

# ଅଶ୍ୱିନ୍ ଓ ଜାଡେଜାଙ୍କୁ ପନ୍ତଙ୍କ ପ୍ରଶଂସା

**ନୂଆଦିଲ୍ଲୀ ୨୩/୦୯ :** ଭାରତ ଏବଂ ବାଂଲାଦେଶ ମଧ୍ୟରେ ଚାଲିଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା ଚେନ୍ନାଇରେ। ଯାହା ଚତୁର୍ଥ ଦିନରେ ଶେଷ ହୋଇଥିଲା। ଟିମ୍ ଇଣ୍ଡିଆ। ଏହି ମ୍ୟାଚକୁ ୨୮୦ ରନ୍ରେ ଜିତିଛି। ଚେନ୍ନାଇ ଟେଷ୍ଟ ଜିତିବାରେ ଟିମ୍ ଇଣ୍ଡିଆରେ ଅନେକ ଖେଳାଳି ସହଯୋଗ କରିଥିଲେ। ଯେଉଁଥିରେ ଅଲରାଉଣ୍ଡର ରବିଚନ୍ଦ୍ରନ୍ ଅଶ୍ୱିନ୍ ଏବଂ ରବିନ୍ଦ୍ର ଜାଡେଜା ମଧ୍ୟ ସାମିଲ ହୋଇଥିଲେ।




ବର୍ତ୍ତମାନ ୱିକେଟ୍ କିପର ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ ଉଭୟ ଅଲରାଉଣ୍ଡରଙ୍କ ପାଇଁ ଏକ ସ୍ୱତନ୍ତ୍ର ପୋଷ୍ଟ ସେୟାର କରିଛନ୍ତି। ପନ୍ତ ଅଂଶୀଦାର କରିଥିବା ପୋଷ୍ଟରେ ଅଶ୍ୱିନ ଏବଂ ଜାଡେଜାଙ୍କ ପାଇଁ ପନ୍ତର କିଛି ସଂଳାପ ଶୁଣିବାକୁ ମିଳିଥିଲା। ତା'ପରେ ଟିମ୍ ଇଣ୍ଡିଆର ସମସ୍ତ ଖେଳାଳିଙ୍କୁ ଏକ ଗୀତ ସହିତ ଦେଖିବାକୁ ମିଳିଥିଲା। ପନ୍ତଙ୍କ ଭିଡିଓରେ ଅଶ୍ୱିନଙ୍କ ପାଇଁ ଏକ ସଂଳାପ ଥିଲା ଯେଉଁଥିରେ ଶୁଣିବାକୁ ମିଳିଥିଲା, 'ଐଶ ଐଶ'ୟ ତା'ପରେ ଜାଡେଜାଙ୍କ ସହ ହୋଇଥିବା ସଂଳାପରେ ପନ୍ତ ଭିଡିଓରେ କହିଛନ୍ତି, 'ଜଦ୍ଦୁ ଭାଇ, ତୁମେ ସବୁଆଡେ ଦୃଶ୍ୟମାନ ହେଉଛ।

ବାଂଲାଦେଶ ବିପକ୍ଷ ଚେନ୍ନାଇ ଟେଷ୍ଟରେ ଅଶ୍ୱିନ୍ ଉଭୟ ବଲ୍ ଏବଂ ବ୍ୟାଟ୍ ସହିତ ଚମତ୍କାର ପ୍ରଦର୍ଶନ କରିଥିଲେ। ଅଶ୍ୱିନ୍ ପ୍ରଥମେ ଉତ୍କୃଷ୍ଟ ବ୍ୟାଟିଂ ପ୍ରଦର୍ଶନ କରି ଏକ ଶତକ ହାସଲ କରିଥିଲେ। ଏହା ପରେ ସେ ବୋଲିଂରେ ଚମତ୍କାର କରିଥିଲେ। ଏହି ମ୍ୟାଚରେ ଭାରତର ପ୍ରଥମ ଇନିଂସ ସମୟରେ ଅଶ୍ୱିନ ୧୧ ଚୌକା ଓ ୨ ଛକା ସହାୟତାରେ ୧୩୩ ବଲରେ ୧୧୩ ରନ ସ୍କୋର କରିଥିଲେ। ଟିମ୍ ଇଣ୍ଡିଆ। ବହୁତ ଅସୁବିଧାରେ ଥିବାବେଳେ ଏହି ଇନିଂସ ଅଶ୍ୱିନଙ୍କ ବ୍ୟାଟରୁ ଆସିଥିଲା।

ଦଳର ଅନେକ ବଡ ଏବଂ ତାରକା ବ୍ୟାଟ୍ସମ୍ୟାନ୍ ପାଭିଲିୟନକୁ ଫେରିଥିଲେ। ଏହି ଅବଧିରେ ରବିନ୍ଦ୍ର ଜାଡେଜା ଅଶ୍ୱିନଙ୍କୁ ସମର୍ଥନ କରିଥିଲେ। ଏହା ବ୍ୟତୀତ ଅଶ୍ୱିନ ମ୍ୟାଚର ଚତୁର୍ଥ ଇନିଂସରେ ୬ ଟି ୱିକେଟ୍ ନେଇଥିଲେ। ଏହି ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ଅଶ୍ୱିନ୍ 'ପ୍ଲେୟାର୍ ଅଫ୍ ଦି ମ୍ୟାଚ୍' ଆଖ୍ୟା ପାଇଥିଲେ।

# ପାରାଦୀପ ହେବ ୬୩ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ

**ପାରାଦୀପ, ୨୩।୯ (ମହାଭାରତ) :** ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଫୁଟବଲ ଆସୋସିଏସନ ଓଡିଶା ମିଳିତ ସହଯୋଗରେ ୬୩ତମ ସିନିୟର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ପ୍ରତିଯୋଗିତା 'ସାହାଣୀ କପ' ଚଳିତ ମାସ ସେପ୍ଟେମ୍ବର ୨୫ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପାରାଦୀପ ସମେତ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଫୁଟବଲ ଜିଲ୍ଲାର ୮ ଟି ଦଳର ପାଖାପାଖି ୧୮୪ ଜଣ ଖେଳାଳି ଓ ୨୦ ଜଣ ଅଫିସିଆଲ ଓ ଚୟନକର୍ତ୍ତା ଯୋଗଦେବେ। ଜିଲ୍ଲାଗୁଡିକୁ ୨ଟି ପୁଲରେ ଅର୍ଥାତ ଗୋଟିଏ ପୁଲରେ ୪ ଗୋଟି ଦଳ ହିସାବରେ ଲିଗ ମ୍ୟାଚ ଖେଳିବେ। ପ୍ରତ୍ୟେକ ପୁଲର ବିଜେତା ଅକ୍ଟୋବର ୨ ତାରିଖ ଦିନ କ୍ୱାଟର ଫାଇନାଲ ଖେଳିବେ। ପ୍ରତ୍ୟକ ଦିନ ପ୍ରଥମ ମ୍ୟାଚ ଅପରାହ୍ନ ୩ ଟା ବେଳେ ଓ, ଦ୍ୱିତୀୟ ମ୍ୟାଚ ସନ୍ଧ୍ୟା ୫ ଟାରେ ଫ୍ଲଡ ଲାଇଟ ରେ ଖେଳାଯିବ। ଉଦଘାଟନୀ ଉତ୍ସବରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଏବଂ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଓ ଓଡିଶା ଫୁଟବଲ ଓ ଆଥଲେଟିକ ଆସୋସିଏସନର ସମ୍ପାଦକ ଡ଼ଃ. ଆର୍ଶୀବାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସୋମବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦର ସଭାପତି ଡି.ଏନ.ସୋଣ୍ଡି ସୂଚନା ଦେଇଥିଲେ। ତେବେ ସାହାଣୀ କପ ଫୁଟବଲ ପ୍ରତିଯୋଗିତା ଆୟୋଜନ କରିବାର ସୁଯୋଗ ମିଳିଥିବାରୁ ପାରାଦୀପ ବନ୍ଦର ପକ୍ଷରୁ ଓଡିଶା ଫୁଟବଲ ଆସୋସିଏସନକୁ ଧନ୍ୟବାଦ ଦେବା ସହ ଖୁସିବ୍ୟକ୍ତ କରାଯାଇଥିବା ନେଇ ଶ୍ରୀ ସୋଣ୍ଡି କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ, ବନ୍ଦର ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଓଡିଶା ସିନିୟର ମହିଳା ହକି ଚାମ୍ପିୟନଶିପ ଆରମ୍ଭ

**ରାଉରକେଲା, ୨୩।୯ (ମହାଭାରତ) :** ହକି ଆସୋସିଏଶନ ଓଡିଶା ପକ୍ଷରୁ ସିନିୟର ମହିଳା ଚାମ୍ପିୟନଶିପ ସ୍ଥାନୀୟ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହି ଚାମ୍ପିୟନଶିପରେ ୧୦ଟି ଟିମ ଅଂଶଗ୍ରହଣ କରୁଛନ୍ତି। ସୋମବାର ଅନୁଷ୍ଠିତ ମୁକାବିଲାରେ ନୟାଗଡ ୫-୦ ଗୋଲରେ ସମ୍ବଲପୁରକୁ, ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା ୮-୦ ଗୋଲରେ କେନ୍ଦ୍ରାପଡାକୁ, ଦେଓଗଡ ୬-୦ରେ ରାୟଗଡାକୁ, ଓଡିଶା ସେକ୍ରେଟାରୀଏଟ ୫-୦ ଗୋଲରେ ଏସଏମଏସ ହକି ଏକାଡେମୀକୁ, ଢେଙ୍କାନାଳ ୬-୦ ଗୋଲରେ ଗଜପତିକୁ, ଓଡିଶା ପୋଲିସ ୫-୦ ଗୋଲରେ କୋରାପୁଟକୁ ଏବଂ ଗାଙ୍ଗପୁର ହକି ଆସୋସିଏଶନ ୭-୦ ଗୋଲରେ ଝାରସୁଗୁଡାକୁ ପରାସ୍ତ କରିଛି।



ସେପ୍ଟମ୍ବର ୨୬ରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ।

ଓଡିଶାରେ ହକିର ଯେଉଁଭଳି ଉନ୍ନତି ଘଟୁଛି ସେଥିନେଇ ବ୍ୟକ୍ତିଗତ ଭାବେ ବେଶ ଖୁସୀ ଅଛି ବୋଲି ହକି ଆସୋସିଏଶନ ଅଫ ଓଡିଶାର ସଭାପତି ଦିଲୀପ ତିର୍କୀ କହିଛନ୍ତି। ରାଜ୍ୟର ହକି ପ୍ରତିଭାକୁ ଚିହ୍ନଟ କରିବା ପାଇଁ ଏହି ଚାମ୍ପିୟନଶିପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମ୍ୟାଚଗୁଡିକ ଏକତରଫା ହୋଇଥିବା ବେଳେ ଆଗକୁ ଏହା ବେଶ ରୋମାଂଚକର ହେବ ବୋଲି ଆଶା କରାଯାଉଛି।

# କିର୍ଲୋସ୍କର ଅଶୋଧିତ ତୈଳ ପାଇପଲାଇନ ପ୍ରକଳ୍ପ କାର୍ଯ୍ୟକାରୀ

**ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି) :** ପାରାଦୀପ-ନୁମାଲିଗଡ଼ ଅଶୋଧିତ ତୈଳ ପାଇପ୍ ଲାଇନ୍ ପ୍ରକଳ୍ପ ପାଇଁ ୧୬ଟି ପମ୍ପ ପ୍ୟାକେଜ୍ ସଫଳ ଭାବେ କାର୍ଯ୍ୟକାରୀ କରିବା ନେଇ କିର୍ଲୋସ୍କର ଏବରା ପମ୍ପ୍ସ ଲିମିଟେଡ୍ (କେଇପିଏଲ୍) ଗର୍ବିତ। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପରେ ପାରାଦୀପରୁ ନୁମାଲିଗଡ଼ ପର୍ଯ୍ୟନ୍ତ ୪ଟି ପମ୍ପିଂ ଷ୍ଟେସନରେ ପମ୍ପ ସ୍ଥାପନ କରାଯାଇଥିଲା, ଯାହା ଭାରତର ଶକ୍ତି ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନୁମାଲିଗଡ଼ ରିଫାଇନାରୀ ଲିମିଟେଡ ଦ୍ୱାରା ପରିଚାଳିତ ପିଏନସିପିଏଲ୍ ପ୍ରକଳ୍ପ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହାର ଉଦ୍ଦେଶ୍ୟ ହେଉଛି ଏନଆରଏଲ୍ର କ୍ଷମତାକୁ ବାର୍ଷିକ ୩.୦ ନିୟୁତ ମେଟ୍ରିକ୍ ଟନ୍‌ରୁ ୯.୦ ଏମଏମଟିପିଏକୁ ବୃଦ୍ଧି କରିବା। ଭାରତର ପେଟ୍ରୋଲିୟମ ଉତ୍ପାଦର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଏହି ସମ୍ପ୍ରସାରଣ ଜରୁରୀ। ଏହି କ୍ଷମତା ବୃଦ୍ଧି ପାଇଁ ଏକ ନୂତନ ଅଶୋଧିତ ପାଇପଲାଇନ ବିକଶିତ କରାଯାଇଛି, ଯାହା ୧,୬୩୦ କିଲୋମିଟର ବ୍ୟାପୀ ଏବଂ ଏକାଧିକ ରାଜ୍ୟର ଚାରିଟି ଷ୍ଟେସନକୁ ଅନ୍ତର୍ଭୁକ୍ତ କରିଛି।

# ରେଡ୍ ଡଟ୍ ହେଲଥ୍ ଓ ଉତ୍କଳ ହସ୍ପିଟାଲ ମଧ୍ୟରେ ଏମ୍ଓୟୁ

**ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି) :** ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ସେବାର ଜଟିଳ ସମସ୍ୟାର ମୁକାବିଲା ପାଇଁ ରେଡ୍.ହେଲଥ୍ ପକ୍ଷରୁ ଉତ୍କଳ ହସ୍ପିଟାଲ ସହ ରଣନୈତିକ ଭାଗିଦାରୀ ଘୋଷଣା କରାଯାଇଛି। ରେଡ୍.ହେଲଥ୍ ଓ ଉତ୍କଳ ହସ୍ପିଟାଲରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଆଡଭାନ୍ସ ଲାଇଫ ସପୋର୍ଟ (ଏଏଲ୍ଏସ୍) ଆମ୍ବୁଲାନ୍ସକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟୋଜିତ କରାଯିବ। ସହର ଏବଂ ଏହାର ଆଖପାଖ ଅଂଚଳରେ ଜରୁରୀକାଳୀନ ଚିକିତ୍ସା ସେବାରେ ଉନ୍ନତି ଆଣିବା ଏହି ସହଯୋଗର ଲକ୍ଷ୍ୟ। ପତାକା ଉନ୍ମୋଚନ ଉତ୍ସବରେ ଉତ୍କଳ ହସ୍ପିଟାଲର ମାନବ (ସିଓଓ), ଅରୁଣ ଖିଲାର (ସିଏଫଓ ଆଣ୍ଡ ୟୁନିଟ୍ ମୁଖ୍ୟ) ଏବଂ ଉତ୍କଳ ହସ୍ପିଟାଲର ଜରୁରୀକାଳୀନ ବିଭାଗର ଏଚ୍ଓଡି ଡାକ୍ତର ଅବିନାଶ ମହାନ୍ତି ଏବଂ ରେଡ୍ ଡଟ୍ ହେଲଥ୍ର ହସ୍ପିଟାଲ ବ୍ୟବସାୟ ଉପସଭାପତି ପ୍ରଶାନ୍ତ ଅଗ୍ରୱାଲ୍ ଉପସ୍ଥିତ ଥିଲେ।

# ଲିଜେଣ୍ଡସ ଲିଗ୍ ଟୁର୍ଣ୍ଣାମେଣ୍ଟରେ ଶିଖରଙ୍କ କମବ୍ୟାକ

**ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି) :** ଟିମ ଇଣ୍ଡିଆର ପୂର୍ବତନ ଓପନର ଶିଖର ଧୱନ ପୁଣିଥରେ କ୍ରିକେଟ ମଇଦାନକୁ କମବ୍ୟାକ କରିଛନ୍ତି। ଅବସର ଘୋଷଣା ପରେ ପ୍ରଥମ ଥର ବ୍ୟାଟିଂ କରିବାକୁ ଓହ୍ଲାଇଛନ୍ତି ଶିଖର ଧୱନ। ଲିଜେଣ୍ଡସ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସେ ପୁଣିଥରେ ଗ୍ରାଣ୍ଡ କମବ୍ୟାକ କରିଛନ୍ତି। ସୁରେଶ ରାଇନାଙ୍କ ଦଳ ବିପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଖେଳିଛନ୍ତି ଶିଖର ଧୱନ। ଏହି ମ୍ୟାଚରେ ହ୍ୟାଟ୍ରିକ ଚୌକା ମାରି ସେ ନିଜର ପୁରୁଣା ଫର୍ମ ଦେଖାଇଛନ୍ତି। ରାଇନାଙ୍କ ଦଳ ଦେଇଥିବା ୧୭୩ ରନର ଲକ୍ଷ୍ୟକୁ ମାତ୍ର ୨ ୱିକେଟ ହରାଇ ବିଜୟଲାଭ କରିଛି ଶିଖର ସେନା।



ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ଅବସର ପରେ ବର୍ତ୍ତମାନ ଲିଜେଣ୍ଡସ ଲିଗ୍ କ୍ରିକେଟରେ ସାମିଲ ହୋଇଛନ୍ତି। ଇରଫାନ୍ ପଠାନ୍, ମହମ୍ମଦ କୈଫ ଏବଂ ସୁରେଶ ରାଇନା ଭଳି ଖେଳାଳିଙ୍କ ପରେ ଚଳିତବର୍ଷ ଶିଖର ଧୱନ ଏବଂ ଦିନେଶ କାର୍ତ୍ତିକ ମଧ୍ୟ ଟୁର୍ଣ୍ଣାମେଣ୍ଟ ଖେଳୁଛନ୍ତି। ଟୁର୍ଣ୍ଣାମେଣ୍ଟର ତୃତୀୟ ମ୍ୟାଚରେ ରାଇନାଙ୍କ ଗୁଜୁରାଟ ଗ୍ରେଟସ ଏବଂ ଶିଖର ଧୱନଙ୍କ ନେତୃତ୍ୱାଧୀନ ତୋୟମ ହାଇଦ୍ରାବାଦ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ଗୁଜୁରାଟ ୧୭୨ ରନ୍ କରିଥିବା ବେଳେ ହାଇଦ୍ରାବାଦକୁ ୧୭୩ ରନର ଲକ୍ଷ୍ୟ ମିଳିଥିଲା। ଦଳ ତରଫରୁ ଅଧିନାୟକ ସୁରେଶ ରାଇନା ସର୍ବାଧିକ ୪୪ ରନ୍ କରିଥିଲେ। ଏହାର ଜବାବରେ ହାଇଦ୍ରାବାଦ ଓପନର ମୋର୍ଣ୍ଣ ଭାନ୍ ୱିକଙ୍କ ଦମଦାର ଶତକୀୟ ଇନିଂସ ବଳରେ ଦଳ ମାତ୍ର ୨ ୱିକେଟ ହରାଇ ବିଜୟ ହାସଲ କରିଛି। ନୂୱାନ ପ୍ରଦୀପଙ୍କ ଏକ ଓଭରରେ ଶିଖର ଧୱନଙ୍କ ବ୍ୟାଟରୁ ହ୍ୟାଟ୍ରିକ ଚୌକା ଦେଖିବାକୁ ମିଳିଛି। ଏହି ଓଭରର ତୃତୀୟ ବଲ ପ୍ରଥମ ଚୌକା ମାରିଥିବା ବେଳେ ଚତୁର୍ଥ ବଲରେ ଏବଂ ପଞ୍ଚମ ବଲରେ ମଧ୍ୟ ଦୁଇଟି ଚୌକା ମାରି କ୍ରିକେଟ ମଇଦାନକୁ ଦମଦାର କମବ୍ୟାକ କରିଛନ୍ତି ଶିଖର। ତେବେ ଏହି ଦମଦାର ବ୍ୟାଟିଂକୁ ବଡ଼ ଇନିଂସରେ ପରିଣତ କରିବାରେ ବିଫଳ ହୋଇଛନ୍ତି। ଗୁଜୁରାଟ ବିପକ୍ଷରେ ୨୦ ବଲରୁ ୨୧ ରନ୍ କରି ଆଉଟ୍ ହୋଇଛନ୍ତି ଧୱନ। ତେବେ ସାଥୀ ଖେଳାଳି ମୋର୍ଣ୍ଣ ଭାନ୍ ୱିକ ୬୯ ବଲରୁ ୮ଟି ଚୌକା ଏବଂ ୯ଟି ଛକା ସହିତ ୧୧୫ ରନ୍ କରି ଦଳକୁ ବିଜୟ ଭେଟି ଦେଇଛନ୍ତି।

# ସାମସଙ୍ଗର ରିହାତି ଘୋଷଣା

**ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି) :** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ପୂର୍ବରୁ ଦେଖାଯାଇନଥିବା ମୂଲ୍ୟର କେତେ ଗୁଡ଼ିଏ ଚୟନକାରୀ ଫ୍ଲାଗସିପ୍ ଗାଲାକ୍ସି ଏସ,ଏମ ଏବଂ ଏଫ ଶୃଙ୍ଖଳ ସ୍ମାର୍ଟଫୋନର ଘୋଷଣା କରିଛି। ପୂର୍ବରୁ ଏଭଳି ଶୁଭାରମ୍ଭ ହୋଇନଥିବା ସ୍ମାର୍ଟଫୋନ ଉପରେ ଗାଲାକ୍ସି ନିଜର ବିଶେଷ ମୂଲ୍ୟ ଏହାର ଗ୍ରାହକମାନଙ୍କୁ ଦେବାକୁ ଯାଉଛି। ଗାଲାକ୍ସି ଏସ୨୩ ଏଫଇର ପ୍ରକୃତ ମୂଲ୍ୟ ୫୪୯୯୯ ଟଙ୍କା ବଦଳରେ ଏହା କେବଳ ୨୭୯୯୯ ଟଙ୍କାରେ ଉପଲବ୍ଧ ହେବ। ସେହିପରି ଗାଲାକ୍ସି ଏସ୨୩ ପ୍ରକୃତ ମୂଲ୍ୟ ୭୪୯୯୯ ଟଙ୍କା ବଦଳରେ ଏହା କେବଳ ୩୭୯୯୯ ଟଙ୍କାରେ ଉପଲବ୍ଧ ହେବ। ଏକ କାଉଂଟର ପଂଏଟ ସର୍ଭେ ମୁତାବକ ଭାରତରେ ଗାଲାକ୍ସି ଏସ୨୩ ଏଫଇ ୩୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଆଣ୍ଡ୍ରଏଡ଼ ସ୍ମାର୍ଟଫୋନର ବିକ୍ରୟ ଏକ ନମ୍ବର ସ୍ଥାନରେ ରହିଛି।

# ଟାଇକଣ୍ଡୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର, ୨୩।୯ (ମହାଭାରତ) :** ଗତ ୩୦.୦୮.୨୦୨୪ ରୁ ତା.୦୧.୦୯.୨୦୨୪ କଟକର ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ସିମାଦ୍ରି ଆଦେଶ, ଭାଗ୍ୟଶ୍ରୀ ନାଗ, ଦିପିକା ଭୋଇ, ଜେନିସା ପୋଲ, ଶ୍ରେୟାଂଶ ପତି, ଆଲଫିଆ ସାହୁ, ଦଗସେତ ପଧାନ ଓ ଋତୁସ୍ମିତା ହାତି ଭାଗ ନେଇ ୧୦ ଟି ମେଡାଲ ହାସଲ କରିଛନ୍ତି। ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘ ତରଫରୁ ଜାତୀୟ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଆଜି ସ୍ଥାନୀୟ ପି.ପି.ଏକାଡେମୀ ହାଇସ୍କୁଲ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଦର ଏସ୍ ?ଡିପିଓ ପ୍ରଦୀପ ସାହୁ ଯୋଗ ଦେଇ ଖେଳାଳିମାନଙ୍କୁ ଉପଢୌକନ ଓ ଫୁଲତୋଡା ସହ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଏହି ଟାଇକଣ୍ଡୋ ସଂଘର ଭିତିଭୂମିର ବିକାଶ ପାଇଁ ଜିଲ୍ଲାପାଳଙ୍କ ସଙ୍ଗେ କଥା ହେବା ଓ ଏହି ଟାଇକଣ୍ଡୋ ଖେଳକୁ ପୋଲିସ ବିଭାଗରେ ଯେଭଳି ସାମିଲ କରାଯିବ ସେଥିପାଇଁ ଉଦ୍ୟମ କରିବେ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଛନ୍ତି। ଟାଇକଣ୍ଡୋ ସଂଘ ସଭାପତି ତଥା ସୂଚନା କର୍ମୀ ହେମନ୍ତ ପଣ୍ଡା କହିଛନ୍ତି ଯେ ଏହି ଟାଇକଣ୍ଡୋ ଓ କରାଟେ ଖେଳ ପାଇଁ ଆଜି ଦିନରେ ଅସୀମ ଭୋଇ ସହର ଠୁ ଗ୍ରାମାଂଚଳ ପର୍ଯ୍ୟନ୍ତ ସବୁଠି ପରିଚିତ। ଗତ ୩୦ ବର୍ଷ କାଳ ଏହି ମାର୍ସଲ ଆର୍ଟ ଖେଳ ପାଇଁ ନିଜ ଜିବନର ଅଧା ସମୟ ବିତାଇ ଦେଇଥିବା ସତ୍ତ୍ୱେ ଶ୍ରୀ ଭୋଇଙ୍କ ଏହି ସଂଗଠନର ବିକାଶ ପାଇଁ ଆଜି ପର୍ଯ୍ୟନ୍ତ ପ୍ରଶାସନ ଠାରୁ କୌଣସି ପ୍ରକାର ସହାୟତା ନ ମିଳିବା ଆଶ୍ଚର୍ଯ୍ୟର ବିଷୟ ବୋଲି କହିଛନ୍ତି। ଆଗାମୀ ଦିନରେ ଏହି ଟାଇକଣ୍ଡୋ ସଂଘର ବିକାଶ ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯିବ ବୋଲି ଶ୍ରୀ ପଣ୍ଡା ପ୍ରତିଶୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ହର୍ଷିତା ମିଶ୍ର ପରିଚାଳନା କରିଥିଲେ।

# ବିଦ୍ୟାଳୟ ସ୍ତରୀୟ କ୍ରିକେଟ ଖେଳାଳି ଚୟନ

**ବାରିପଦା, ୨୩।୯ (ମହାଭାରତ) :** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡିଆରେ ବାରିପଦା ବ୍ଲକର ବିଦ୍ୟାଳୟ ସ୍ତରୀୟ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜ ମୋହନ ମୁର୍ମୁ ଏହି ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ପ୍ରତିଯୋଗୀ ମାନଙ୍କୁ ଉନ୍ନତ ମାନର ଖେଳ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ନୋଡାଲ କ୍ରୀଡା ପ୍ରଶିକ୍ଷକ କଳ୍ପନା ମହାପାତ୍ରଙ୍କ ସମେତ ନଳିନୀ ସେନାପତି, କ୍ଷୀରୋଦ ବେହେରା, ସୋନାଲି ପରିଡା, କାପୁରା ମୁର୍ମୁ, ଧରିତ୍ରୀ ମହାନ୍ତ, କ୍ଷୀରୋଦ ବେହେରା ଓ ବାସନ୍ତୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ. ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ସୋରେନ, ଭାଗ୍ୟଶ୍ରୀ ମହାନ୍ତ, ରଶ୍ମିତା ସୋରେନ, ଦୀପାଳି ସିଂ, ଯଶୋଦା ନାଏକ ଏବଂ ବାଳକ ବିଭାଗରେ ଦେବଶକ୍ତି ଗିରି, ଶ୍ରେୟାସ ସେଠି, ଅସିତ ପୃଷ୍ଟି, ଚନ୍ଦନ କୁମାର ସିଂ, ମନ୍ଥନ ସାନ୍ତରା, ପିଥ ଚରଣ ମାଝୀ ଓ ଅବତାର ମହାପାତ୍ର ଜିଲ୍ଲା ସ୍ତରକୁ ଚୟନ ହୋଇଛନ୍ତି. ଜ୍ଞାନ ରଞ୍ଜନ ନାୟକ, ସଞ୍ଜୟ କୁମାର ବେହେରା , ଅଭିଷେକ ବେହେରା, ପ୍ରଦୀପ ମହାନ୍ତ, ନାଦିଆ ଦାସ, ଗୌରୀବାଳା ସେଠି ଚୟନ ପ୍ରକ୍ରିୟାରେ ସହାୟତା ପ୍ରଦାନ କରିଥିଲେ।

# ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଫୁଟବଲ ଟୁର୍ଣ୍ଣାମେଂଟ

**ବଲାଙ୍ଗିର, ୨୩।୯ (ମହାଭାରତ) :** ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆଜି ୪ ଗୋଟି କ୍ୱାଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଟାଉନ ହାଇସ୍କୁଲ ପଡିଆରେ ସିସିଏଫ୍ଏ ବଲାଙ୍ଗିର ୨-୦ ଗୋଲରେ ୱାଇଏସ୍ଏଫ୍ଏ ମନହୀରାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ ଯୋଗ ଦେଇଥିବା ବେଳେ ଖେଳାଳି ଚୟନ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ଖେଳାଳି ଲୋକନାଥ ନେପାକ ମଂଚାସିନ ଥିଲେ। ଖେଳକୁ ଅବଦୁଲ ମୁଜିବ, ସଞ୍ଜୀବ କୁଦେଇ, ବିକି ବିଶି ଓ ସୁଶାନ୍ତ ନାଗ ରେଫରି ଭାବେ ପରିଚାଳନା କରିଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ବିଏନ୍ଏଏ ଜରାସିଂହା ବନାମ ରାଇଜିଂ ଷ୍ଟାର ଟିଟିଲାଗଡ ଖେଳ ୧-୧ ଗୋଲରେ ଡ୍ର ହୋଇଥିଲା।

ଟ୍ରାଇବ୍ରେକର ୪-୨ ଗୋଲରେ ଜରାସିଂହା ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, କାଉନସିଲ ସଦସ୍ୟ ଜୟରାମ ମିଶ୍ର ଓ ପୂର୍ବତନ ଖେଳାଳି ସୁନିଲ ଚନ୍ଦ୍ର ବିଶ୍ୱାଲ ଯୋଗ ଦେଇଥିଲେ। ଖେଳକୁ ସୁଧାଂଶୁ ସେଠ, ଜଳନ୍ଧର ସାହୁ, ସୁରେଶ ନାଏକ ଓ ନିଶାରକାନ୍ତ ନାଗ ରେଫରି ଭାବେ ପରିଚାଳନା କରିଥିଲେ। ଖୁଜେନପାଲି ପଡିଆରେ କେଏଫ୍ସି କଂଟାବାଞ୍ଜି ୧-୦ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଅତିଥି ଭାବେ ବଲାଙ୍ଗିର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଖୁଜେନପାଲି ସରପଂଚ ରଂଜିତା ପାଣିଗ୍ରାହୀ ଓ ସମିତି ସଭ୍ୟା ସୂର୍ଯ୍ୟକାନ୍ତି ସାହୁ ଯୋଗ ଦେଇଥିଲେ। କ୍ରୀଡା ସଂସଦର କୃଷ୍ଣ ଚନ୍ଦ୍ର ମିଶ୍ର, ପୂର୍ବତନ ବିଧାୟକ ରମାକାନ୍ତ ସେଠ ଓ ସଂସଦର ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା ମଂଚାସିନ ଥିଲେ। ଚୁଡାପାଲି ହାଇସ୍କୁଲ ପଡିଆରେ ରିଜର୍ଭ ପୋଲିସ ୩-୧ ଗୋଲରେ ଜିୱାଇଡିସି ନକଟାସରକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଅତିଥି ଭାବେ କ୍ରୀଡା ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ସଦସ୍ୟ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ। ୨୨ ତାରିଖ ରବିବାର ସିସିଏଫ୍ଏ ବଲାଙ୍ଗିର ବନାମ ବିଏନ୍ଏଏ ଜରାସିଂହା ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ଗାନ୍ଧୀ ଷ୍ଟାଡିୟମରେ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା ସୂଚନା ଜଣାଇଛନ୍ତି।

# ଚେନ୍ନାଇ ସୁପର କିଙ୍ଗ୍ସଠାରୁ ୬ କୋଟି ନେବେ ଧୋନୀ

**ନୂଆଦିଲ୍ଲୀ, ୨୩।୯:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଯଦିଓ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସର ଅଧିନାୟକ ନାହାନ୍ତି, କିନ୍ତୁ ତାଙ୍କ ପ୍ରଶଂସକଙ୍କ ସଂଖ୍ୟାରେ ହ୍ରାସ ଘଟିନାହିଁ ଆଜି ବି ତାଙ୍କ ପ୍ରଶଂସକମାନେ ପୁରା ଷ୍ଟାଡିୟମକୁ ହଳଦିଆ। ରଙ୍ଗରେ ରଙ୍ଗେଇ ଦେଇଛନ୍ତି ଧୋନୀ ମଧ୍ୟ ଗୋଟିଏ ପରେ ଗୋଟିଏ ନିଷ୍ପତ୍ତି ସହିତ ପ୍ରଶଂସକଙ୍କ ହୃଦୟ ଜିତିବାରେ ଲାଗିଛନ୍ତି।ଧୋନୀଙ୍କ ହୃଦୟରେ ଚେନ୍ନାଇ ସୁପର କିଙ୍ଗ୍ସ ଫ୍ରାଞ୍ଚାଇଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଛି।ସେ ଏହାକୁ ଅନେକ ଥର ସାର୍ବଜନୀନ କରିଛନ୍ତି ଧୋନୀ ପୁଣି ଥରେ ଦଳ ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରିପୋର୍ଟ ଅନୁଯାୟୀ, ଧୋନୀ ଆଇପିଏଲ ୨୦୨୫ ପାଇଁ ଚେନ୍ନାଇ ସୁପର କିଙ୍ଗ୍ସରୁ ମାତ୍ର ୬ କୋଟି ଟଙ୍କା ନେବେ। ଚେନ୍ନାଇ ସୁପର କିଙ୍ଗସ ଆଇପିଏଲ ୨୦୨୫ ପାଇଁ ରବିନ୍ଦ୍ର ଜାଡେଜା, ରୁତୁରାଜ ଗାଇକ୍ୱାଡ, ଶିବମ ଦୁବେ ଏବଂ ମାଥିଶା ପାଥିରାନାଙ୍କୁ ବଜାୟ ରଖିବେ ଯଦିଓ, ଧୋନୀଙ୍କୁ ଜଣେ ଅନକ୍ୟାପ୍ଡ ଖେଳାଳି ଭାବରେ ରଖାଯାଏ ତେବେ ଏହା ଘଟିବ। ଯଦି ଧୋନୀଙ୍କୁ ଜଣେ ଅନକ୍ୟାପ୍ଡ ଖେଳାଳି ଭାବରେ ରଖିବାକୁ ଅନୁମତି ନ ମିଳେ, ତେବେ ଚେନ୍ନାଇ ଏହାର ଯୋଜନା ବଦଳାଇପାରେ।




ସମସ୍ତ ୧୦ଟି ଆଇପିଏଲ ଦଳକୁ ନଭେମ୍ବର ୧୫ ପୂର୍ବରୁ ସେମାନଙ୍କ ରଖାଯାଇଥିବା ଏବଂ ମୁକ୍ତ ଖେଳାଳିଙ୍କ ତାଲିକା ପ୍ରକାଶ କରିବାକୁ ପଡିବ ନିୟମ ଅନୁଯାୟୀ, ସମସ୍ତ ଦଳ ମେଗା ନିଲାମ ପୂର୍ବରୁ କେବଳ ଚାରିଜଣ ଖେଳାଳିଙ୍କୁ ରଖିପାରିବେ ଅନ୍ୟ ସମସ୍ତ ଖେଳାଳିଙ୍କୁ ମୁକ୍ତ କରିବାକୁ ପଡିବ ତଥାପି, ଏଥର ଏହି ନିୟମରେ ପରିବର୍ତ୍ତନ ହୋଇପାରେ କୁହାଯାଉଛି ଯେ ବର୍ତ୍ତମାନ ସମସ୍ତ ଦଳ ଚାରିଜଣ ପରିବର୍ତ୍ତେ ୫ ଜଣ ଖେଳାଳିଙ୍କୁ ବଜାୟ ରଖିବେ, କିନ୍ତୁ ଏପର୍ଯ୍ୟନ୍ତ ଏହା ଆନୁଷ୍ଠାନିକ ଭାବେ ଘୋଷଣା ହୋଇନାହିଁ।

# ଚାମ୍ପିଅନ୍ସ ଟ୍ରଫି ୨୦୨୫ ପୂର୍ବରୁ ପାକିସ୍ତାନକୁ ଝଟକା

**ନୂଆଦିଲ୍ଲୀ, ୨୩।୯:** ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନରେ ଆୟୋଜିତ ହେବ କିନ୍ତୁ ଏହାର ଠିକ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଏକ ବଡ଼ ଝଟକା ଲାଗିଛି। ଅକ୍ଟୋବର ୭ରୁ ପାକିସ୍ତାନ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ୍ ଖେଳାଯିବ। କିନ୍ତୁ ଖବର ଅନୁଯାୟୀ, ଏହି ସିରିଜର ମିଡିଆ। ରାଇଟ୍ସ ଏପର୍ଯ୍ୟନ୍ତ ବିକ୍ରି ହୋଇନାହିଁ।ଏଭଳି ପରିସ୍ଥିତିରେ ପାକ୍-ଇଂଲଣ୍ଡ ଟେଷ୍ଟ ସିରିଜ୍ ପାକିସ୍ତାନ ବାହାରେ ପ୍ରସାରିତ ହେବ ନାହିଁ।







ମିଡିଆ। ରାଇଟ୍ସ ପାଇଁ ପିସିବି ଏକ ବଡ ଡିମାଣ୍ଡ ରଖିଥିଲା, ଯାହାକୁ ଏପର୍ଯ୍ୟନ୍ତ କୌଣସି କମ୍ପାନୀ ପୂରଣ କରିପାରିନାହାନ୍ତି। ଖବର ଅନୁଯାୟୀ, ପିସିବି ତିନି ବର୍ଷ ପାଇଁ ମିଡିଆ। ରାଇଟ୍ସ ପାଇଁ ୨୧ ମିଲିୟନ୍ ଡଲାର ଦାବି କରିଛି।ଏହା ପ୍ରାୟ ୧୭୫ କୋଟି ଟଙ୍କା ହେବ। କିନ୍ତୁ ପିସିବି ଏପର୍ଯ୍ୟନ୍ତ ଏତେ ପରିମାଣର ଦେୟ ଦେବାକୁ କ୍ରେତା ପାଇନାହିଁ।ଦୁଇଟି ପାକିସ୍ତାନୀ କମ୍ପାନୀ ମିଳିତ ଭାବେ ୪.୧ ମିଲିୟନ ଡ଼ଲାର ପ୍ରସ୍ତାବ ଦେଇଥିଲେ। କିନ୍ତୁ ପିସିବି ରାଇଟ୍ସ ବିକ୍ରୟ କରିବାକୁ ମନା କରିଦେଇଥିଲା। ସେହିପରି ୱିଲୋ ଟିଭି ୨.୨୫ ମିଲିୟନ ଡ଼ଲାରର ପ୍ରସ୍ତାବ ଦେଇଥିଲା ଯେତେବେଳେ କି ଏକ ବିଦେଶୀ କମ୍ପାନୀ ସ୍ପୋର୍ଟସ୍ ଫାଇଭ୍ ୭.୮ ମିଲିୟନ୍ ଡଲାର ପ୍ରସ୍ତାବ ଦେଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ପିସିବି କୋଉଥିରେ ବି ରାଜି ହୋଇନାହିଁ।ଉଲ୍ଲେଖ ଥାଉ କି ଅକ୍ଟୋବର ୭ରେ ପାକିସ୍ତାନ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ୍ ଖେଳାଯିବ ଏହାର ପ୍ରଥମ ମ୍ୟାଚ୍ ମୁଲତାନରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୧୫ରୁ ସମାନ ଷ୍ଟାଡିୟମରେ ଖେଳାଯିବ।

ସିରିଜର ତୃତୀୟ ତଥା ଶେଷ ମ୍ୟାଚ ଅକ୍ଟୋବର ୨୪ରୁ ରାଲପିଣ୍ଡିରେ ଖେଳାଯିବ। ଉଲ୍ଲେଖ ଥାଉ କି ପିସିବି ଚାମ୍ପିଅନ୍ସ ଟ୍ରଫି ପାଇଁ ପ୍ରସ୍ତୁତି ଚଳାଇଛି। ନିକଟରେ ଆଇସିସି ପାଞ୍ଚଜଣ ଅଧିକାରୀଙ୍କ ଏକ ଟିମ୍ ପାକିସ୍ତାନ ପଠାଇଥିଲା ଆଇସିସି ପିସିବିକୁ ୩୧ ଜାନୁୟାରୀ ୨୦୨୫ ପୂର୍ବରୁ ଷ୍ଟାଡିୟମ ପ୍ରସ୍ତୁତ କରିବାକୁ ତାଗିଦ କରିସାରିଛି।।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ